# ଏକକ ୮: ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ବିଷୟରେ ଧାରଣା

ସଂରଚନା


୮.୦ ଉପକ୍ରମ
୮.୧ ଶିକ୍ଷଣ ଉଦ୍ଦେଶ୍ୟ
୮.୨ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କୁ ବୁଝିବା
୮.୩ ପ୍ରାରମ୍ଭିକ ଚିହ୍ନଟିକରଣ, ଆକଳନ ଏବଂ ପଦକ୍ଷେପ ଗ୍ରହଣ
୮.୪ ବାଧକତା ଅଧିନିୟମ / ନୀତି ସମୂହ
୮.୫ ସାରାଂଶ
୮.୬ ନିଜ ଅଗ୍ରଗତିର ଆକଳନ ପାଇଁ ଆଦର୍ଶ ଉତ୍ତର
୮.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକସୂଚୀ
୮.୮ ପାଠାନ୍ତ ପ୍ରଶ୍ନାବଳୀ


## ୮.୦ ଉପକ୍ରମ

ପୂର୍ବ ଏକକରୁ ତୁମେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ କିଏ ତାହା ଜାଣିଲ, ଏହି ଏକକରେ ଆମେ ତାହାର ସବିଶେଷ ଆଲୋଚନା କରିବା । ସ୍ୱତନ୍ତ୍ର ଧ୍ୟାନ ଓ ନିର୍ଦ୍ଦିଷ୍ଟ ଆବଶ୍ୟକତା ପ୍ରୟୋଜନ କରୁଥିବା ଶିକ୍ଷାର୍ଥୀ, ଯାହା ଅନ୍ୟଶିକ୍ଷାର୍ଥୀମାନେ ଆବଶ୍ୟକ କରନ୍ତି ନାହିଁ, ସେମାନଙ୍କୁ ସ୍ୱତନ୍ତ୍ର ଆବଶ୍ୟକତାଥିବା ଶିକ୍ଷାର୍ଥୀ କୁହାଯାଏ । ପ୍ରତି ଶ୍ରେଣୀରେ ବିଭିନ୍ନ ପ୍ରକାରର ଆବଶ୍ୟକତା ଥିବା ପିଲା ଅଛନ୍ତି । ଶ୍ରେଣୀ ପ୍ରକୋଷ୍ଠରେ ବିବିଧତାକୁ ଚିହ୍ନଟ କରିବା ଏକାନ୍ତ ଅପରିହାର୍ଯ୍ୟ । ଆମେ ସମସ୍ତେ ଆମ ବିଦ୍ୟାଳୟ/ମହାବିଦ୍ୟାଳୟ ପାଠପଢ଼ା ସମୟରେ କେତେକ ସ୍ୱତନ୍ତ୍ର ଆବଶ୍ୟକତା ସଂପର୍କରେ ଅଭିଜ୍ଞତା ହାସଲ କରିଛେ ।

ସ୍ୱତନ୍ତ୍ର ଆବଶ୍ୟକତା ଏକ ଅତିରିକ୍ତ ସାହାଯ୍ୟ, ଯାହା ଧାରଣାରେ ଉପନୀତ ହେବା ତଥା କାର୍ଯ୍ୟ ସଂପାଦନା (ଗୀତ, କଳା ଏବଂ ଅନ୍ୟାନ୍ୟ) କରିବାରେ ସାହାଯ୍ୟ କରେ ।

କୌଣସି ବ୍ୟକ୍ତି ସ୍ୱୟଂ ସଂପୂର୍ଣ୍ଣ ନୁହେଁ ଯେକୌଣସି ସମସ୍ୟା ସେ ସାମାଜିକ, ବୌଦ୍ଧିକ, ଚେତନା ସମ୍ବନ୍ଧୀୟ, ଚଳନ ଓ ବହୁଦିନର ଶାରିରୀକ ଅସୁସ୍ଥତା, ହେଉନା କାହିଁକି ତାହା ଶିକ୍ଷଣରେ ଏକ ଅସୁବିଧା ରୂପରେ ସହଜରେ ପରିଦୃଷ୍ଟ ହେବ ।

ଏହି ଏକକ ତୁମକୁ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କର ଅର୍ଥ, କାରଣ, ପ୍ରାରମ୍ଭିକ ଚିହ୍ନଟୀକରଣ ଓ ପଦକ୍ଷେପ ଗ୍ରହଣ ଏବଂ ଜାତୀୟ ନୀତି ସଂପର୍କରେ ଜଣାଇବ ।

## **୮.୧ ଶିକ୍ଷଣ ଉଦ୍ଦେଶ୍ୟ**

ଏହି ଏକକଟିର ଅଧ୍ୟୟନ ପରେ ତୁମେ ସମର୍ଥ ହେବ :

- ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କର ଅର୍ଥ ପ୍ରତିପାଦନ କରିବାରେ ।
- ବିଭିନ୍ନ ପ୍ରକାରର ବାଧକତାକୁ ଚିହ୍ନଟ କରିବାରେ (ବୌଦ୍ଧିକ ବାଧକତା, ଶ୍ରବଣ ବାଧକତା, ଚଳନ ବାଧକତା, କଥନ ବାଧକତା, ଶିକ୍ଷଣ ବାଧକତା ଏବଂ ବହୁବିଧ ବାଧକତା)

ଟିପ୍ପଣୀ

- ପ୍ରତ୍ୟେକ ପ୍ରକାର ବାଧକତାରେ ପ୍ରାରମ୍ଭିକ ଚିହ୍ନଟୀକରଣ, ପଦକ୍ଷେପ ଗ୍ରହଣ ଏବଂ ଆକଳନ ଆବଶ୍ୟକତାର ଯଥାର୍ଥତା ପ୍ରଦାନ କରିବାରେ ।
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରିବା ତଥା ସେମାନଙ୍କ ସମସ୍ୟାଗୁଡିକୁ ସାମନା କରିବା ନିମିତ୍ତ ଶିକ୍ଷକଙ୍କ ଭୂମିକା ବ୍ୟାଖ୍ୟା କରିବାରେ ।
- ପ୍ରତ୍ୟେକ ବର୍ଗର ବାଧକତା ନିମନ୍ତେ ଶିକ୍ଷଣ ଆବଶ୍ୟକତାଗୁଡିକର ପରାମର୍ଶ ଦେବାରେ ।
- UNCRPDରେ PWD ଆଇନ ୧୯୯୫, ଆଲୋଚିତ ହୋଇଥିବା ମୁଖ୍ୟ ସମସ୍ୟାଗୁଡ଼ିକୁ ଦର୍ଶାଇବାରେ ।
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଭୂମିକା ବ୍ୟାଖ୍ୟା କରିବାରେ ।

**୮.୨ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କୁ ବୁଝିବା**

ମୋ ପିଲାର ସ୍ୱତନ୍ତ୍ର ଆବଶ୍ୟକତା ଅଛି କି ? ଏକ ପ୍ରଶ୍ନ ଯାହା ଅଧିକାଂଶ ଛୋଟ ପିଲାଙ୍କର ପିତାମାତା ପଚାରନ୍ତି । ବର୍ତ୍ତମାନ ପ୍ରଶ୍ନ ଆସୁଛି ଏହି ସ୍ୱତନ୍ତ୍ର ଆବଶ୍ୟକତା କ'ଣ ? ଅନେକ ଅନ୍ୟାନ୍ୟ ପିଲାଙ୍କ ଭଳି ଏକ ୧୪ ମାସର ଶିଶୁ ତଥାପି ଚାଲି ନପାରେ । ସେହି ପିଲାର ସ୍ୱତନ୍ତ୍ର ଆବଶ୍ୟକତା ଅଛିକି ? ଅନ୍ୟ ଏକ ପିଲା, ଶୁଣିଥିବା ପ୍ରତିକଥାର ପୁନରାବୃତ୍ତି କରେ ଏପରିକି T.V (ଟେଲିଭିଜନ)ରେ ପ୍ରସାରିତ ହେଉଥିବା କଥାକୁ ମଧ୍ୟ ପୁନରାବୃତ୍ତି କରେ, ଏହା ଏକ ସ୍ୱତନ୍ତ୍ର ଆବଶ୍ୟକତା କି ? ଏବଂ ଯଦି ଗୋଟିଏ ପିଲାର ଏକ ବା ଅଧିକ ସ୍ୱତନ୍ତ୍ର ଆବଶ୍ୟକତା ଅଛି, ତେବେ ତା'ର ପରିବାର କେଉଁଠାକୁ ଉପଯୁକ୍ତ ସାହାଯ୍ୟ ଓ ସେବା ପାଇବା ପାଇଁ ଯାଇପାରିବ । ଶିକ୍ଷକ ହିଁ ପ୍ରଥମ ବ୍ୟକ୍ତି ଯାହାଙ୍କୁ ବିବ୍ରତ ଅଭିଭାବକ ମାନେ ଅନୁରୋଧ କରନ୍ତି । ପ୍ରଥମେ ଶିକ୍ଷକ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନେ କିଏ ଅଟନ୍ତି ତାହା ଜାଣିବାକୁ ହେବ । ଶାରୀରିକ ସମସ୍ୟା କିମ୍ବା ଶାରୀରିକ ଦୁରାବସ୍ଥା ବା ଆବେଶିକ ସ୍ତରରେ ଦୁର୍ବଳ ଥିବା ଯନ୍ତ୍ରଣା ହେତୁ ସ୍ୱତନ୍ତ୍ର ଧ୍ୟାନ ଆବଶ୍ୟକ କରୁଥିବା ଯେକୌଣସି ପିଲାକୁ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ଭାବେ ବିଚାର କରାଯାଏ । ବିଳମ୍ବିତ ଲକ୍ଷ୍ୟ, ଅସଂପାଦିତ କାର୍ଯ୍ୟ, ଖାଇ ହୋଇପାରୁନଥିବା ଖାଦ୍ୟ, ପ୍ରତିଦିନର ଚିରାଚରିତ କାର୍ଯ୍ୟ, ଏସବୁକୁ ବିନା ସାହାଯ୍ୟରେ ହାସଲ କରିହେବ ନାହିଁ ।

'ସ୍ୱତନ୍ତ୍ର ଆବଶ୍ୟକତା' ଏକ ଶବ୍ଦ ଯାହାର ମୃଦୁ ଶିକ୍ଷଣ ବାଧକତା ଠାରୁ ଆରମ୍ଭ କରି ବହୁମାତ୍ରାରେ ବୌଦ୍ଧିକ ବାଧକତା (ମାନସିକ ଅନଗ୍ରସରତା) ସାମୟିକ ଅସୁସ୍ଥତା ଏବଂ ଖାଦ୍ୟ ପ୍ରତି ବିମୁଖତା ବା ଅସହିଷ୍ଣୁତା ବିକାଶଗତ ବିଳମ୍ବ ପର୍ଯ୍ୟନ୍ତ ଅନେକ ସଂଜ୍ଞା ରହିଛି । ବାହାରର ସାଧାରଣ ପିଲା ଯେତେବେଳେ ସାହାଯ୍ୟ ଆବଶ୍ୟକ କରେ ସେମାନଙ୍କର ଭିନ୍ନଭିନ୍ନ ଆବଶ୍ୟକତାମାନ ଥାଏ, ଯାହା ବିଭିନ୍ନ ଲକ୍ଷ୍ୟ ହାସଲ ନିମିତ୍ତ ପୁରଣ କରିବାକୁ ହେବ ।

**ବାଧକତାର ସଂଜ୍ଞା**- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମତରେ, ଅକ୍ଷମତା / ବାଧକତାକୁ ଅସୁବିଧାରେ ପରିବର୍ତ୍ତନ କରାଯିବା ଉଚିତ୍:-ଦେଖିବାରେ,ଶୁଣିବାରେ, ଯୋଗାଯୋଗ କରିବାରେ, ଗତି କରିବାରେ, ଶିଖିବାରେ ଅସୁବିଧା ।

ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କୁ ଜାଣିବାକୁ ହେଲେ ଆମେ ବିଭିନ୍ନ ପ୍ରକାର ବିଶେଷଣ ବା ଶବ୍ଦ ଯାହା ଦ୍ୱାରା ସେମାନେ ଅନେକ ସମୟରେ ବର୍ଣ୍ଣିତ ହୋଇଥାନ୍ତି ତାହା ନିଶ୍ଚିତ ଜାଣିବା ଆବଶ୍ୟକ । ବାଧିତ, ବାଧକତା, ଓ ଅକ୍ଷମତା ଶବ୍ଦଗୁଡ଼ିକୁ ଯାହା ସମାର୍ଥ୍ୟରେ ଶବ୍ଦ ବିନିମୟରେ ବାରମ୍ବାର ବ୍ୟବହାର କରାଯାଏ । ଯାହା ହେଉନା କାହିଁକି, ଏହି ଶବ୍ଦଗୁଡ଼ିକ ମଧ୍ୟରେ ଧାରଣାଗତ ପାର୍ଥକ୍ୟ ରହିଛି ।

ବାଧିତ / ବାଧକତା, ଅସାମର୍ଥ୍ୟ ଓ ଅକ୍ଷମତା ଶବ୍ଦର ଆନ୍ତର୍ଜାତୀୟ ଶ୍ରେଣୀ ବିଭାଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରତ୍ୟେକ ଶବ୍ଦର ସଂଜ୍ଞାରେ ସ୍ପଷ୍ଟ ରୂପେ ପାର୍ଥକ୍ୟ ଗୁଡିକୁ ସୂଚେଇ ଦିଆଯାଇଛି ।

ବାଧକତା ହେଉଛି ଯେ କୌଣସି ଢାଞ୍ଚାଗତ କ୍ଷତି, ଅସାମର୍ଥ୍ୟ ହେଉଛି କାର୍ଯ୍ୟକୃତ ଅପରାଗତା, ଅକ୍ଷମତା

ଟିପ୍ପଣୀ

ହେଉଛି ଏକ ସାମାଜିକ ଅସୁବିଧା ଯାହା ଜଣେ ବ୍ୟକ୍ତି ଅନୁଭବ କରିଥାଏ ।

ବର୍ତ୍ତମାନ ଆସ ଆମେ ଅସାମର୍ଥତାର ଅର୍ଥ, କାରଣ ଓ ସାମ୍ଭାବ୍ୟ ଫଳାଫଳ ବିଷୟରେ ଜାଣିବା ।

### ୮.୨.୧ ବୌଦ୍ଧିକ ଅସମର୍ଥ୍ୟତା

ବୌଦ୍ଧିକ ଅସାମର୍ଥତା ଶବ୍ଦଟି ସେହି ବ୍ୟକ୍ତିଙ୍କ ପାଇଁ ବ୍ୟବହାର କରାଯାଏ, ଯେଉଁମାନଙ୍କର ମାନସିକ କାର୍ଯ୍ୟକାରିତା ଏବଂ କୌଶଳ ଯଥା ଯୋଗାଯୋଗ କରିବାରେ ନିଜର ଯତ୍ନ ନେବାରେ ଏବଂ ନିଜର ରକ୍ଷଣାବେକ୍ଷଣ କରିବାରେ ଓ ସାମାଜିକ କୌଶଳ ଆଦିରେ ସୀମିତତା ଥାଏ । ଏହି ସମସ୍ୟା ଗୁଡ଼ିକ ଶିଶୁର ଶିକ୍ଷଣ ଓ ବିକାଶର ଧାରାକୁ ଅନ୍ୟାନ୍ୟ ଶିଶୁଙ୍କ ତୁଳନାରେ ମନ୍ଥର କରିଦିଏ । ମାନସିକ ଭାବରେ ଅନଗ୍ରସର ଶିଶୁ କଥା କହି ଶିଖିବା, ଚାଲିବା ଏବଂ ନିଜ କାର୍ଯ୍ୟ ନିଜେ କରିବା ଯେପରିକି ଖାଇବା ଓ ପୋଷାକ ପିନ୍ଧିବା ଶିକ୍ଷା କରିବା ପାଇଁ ବହୁ ସମୟ ନିଅନ୍ତି । ସେମାନଙ୍କର ବିଦ୍ୟାଳୟରେ ମଧ ଶିକ୍ଷଣ ସମସ୍ୟା ଦେଖାଯାଏ । ସେମାନେ ଶିଖିବେ କିନ୍ତୁ ଏହା ସମୟ ସାପେକ୍ଷ । ଏପରି ମଧ କିଛି ଧାରଣା ଅଛି, ଯାହା ସେମାନେ ଶିକ୍ଷା କରିପାରିବେ ନାହିଁ ।

ଏକ ମାନସିକ ବାଧିତ ଶିଶୁର ସଧାରଣ ବୁଦ୍ଧିଠାରୁ କମ୍ ବୁଦ୍ଧି ଥାଏ ଏବଂ ସେମାନଙ୍କର ବୌଦ୍ଧିକ ବିକାଶର ଧାରା ମନ୍ଥର ହୋଇଥାଏ । ଅନଗ୍ରସରତାର ମାତ୍ରା ମୃଦୁ ଠାରୁ ପ୍ରବଳ ମାତ୍ରା ପର୍ଯ୍ୟନ୍ତ ହୋଇପାରେ । ଏହା ଜୀବନର ପ୍ରାରମ୍ଭିକ ବିକାଶ ସମୟ ଅବଧି ମଧରେ ଘଟିଥାଏ ।

(କ) ଅର୍ଥ :- ବର୍ତ୍ତମାନ ସମୟରେ ପୁରୁଣା ଶବ୍ଦ ମାନସିକ ଅନଗ୍ରସରତା, ମାନସିକ ଅକ୍ଷମତା ପରିବର୍ତ୍ତନ କରିବା ପାଇଁ ବୌଦ୍ଧିକ ବାଧକତାକୁ ବ୍ୟବହାର କରାଯାଇଛି । ଅକ୍ଷମତା ତଥା ଅନଗ୍ରସରତା ଶବ୍ଦର କୁପ୍ରଭାବକୁ ଅପସାରଣ କରିବା ପାଇଁ ଏପରି ନାମ ପରିବର୍ତ୍ତନ କରାଯାଇଅଛି ।

ଏକ ମାନସିକ ବାଧିତ ଶିଶୁର ବୁଦ୍ଧି ସାଧାରଣ ସ୍ତରଠାରୁ କମ୍ ଅଟେ । ସେମାନଙ୍କ ମଧରୁ କେତେକ ଶିଶୁଙ୍କୁ ସାଧାରଣ ଶ୍ରେଣୀ ଗୃହରେ ପ୍ରଶିକ୍ଷଣ ଦିଆଯାଇ ପାରିବ ଏବଂ ନିଜ ପାଇଁ ତଥା ଦେଶ ପାଇଁ ଉପଯୋଗୀ ବିବେଚନା କରାଯାଇପାରିବ । କିନ୍ତୁ ଅନ୍ୟମାନଙ୍କୁ ସେମାନଙ୍କର ମାନସିକ ଦକ୍ଷତାର ଅଭାବହେତୁ କୌଣସି କାର୍ଯ୍ୟ ପାଇଁ ପ୍ରଶିକ୍ଷିତ କରାଯାଇପାରିବ ନାହିଁ । ତେଣୁ, କେତେକ ମାନସିକ ବାଧିତ ଶିଶୁଙ୍କୁ ଶିକ୍ଷା ଦିଆଯାଇପାରିବା ବେଳେ ବହୁମାତ୍ରାରେ ବାଧିତ ଶିଶୁଙ୍କୁ କେବଳ ପ୍ରଶିକ୍ଷଣ ଦିଆଯାଇପାରିବ ।

ସେମାନଙ୍କ ବୁଦ୍ଧ୍ୟାଙ୍କ ଆଧାରରେ ମାନସିକ ଅନଗ୍ରସରତା / ଅସମର୍ଥତାକୁ ନିମ୍ନୋକ୍ତ ସ୍ତରରେ ବିଭକ୍ତ କରାଯାଇଅଛି ।

(ମାନସିକ ଅନଗ୍ରସରତା) ବୌଦ୍ଧିକ ବାଧକତାର ଶ୍ରେଣୀ ବିଭାଗ

| ପ୍ରଭାବିତ ସ୍ତର | ବୁଦ୍ଧ୍ୟାଙ୍କର ପରିସର |
|---|---|
| ମୃଦୁ ମାନସିକ ଅନଗ୍ରସରତା | ୫୦-୭୫ |
| ପରିମିତ ମାନସିକ ଅନଗ୍ରସରତା | ୩୫-୪୯ |
| ଅଧିକ ମାନସିକ ଅନଗ୍ରସରତା | ୨୦-୩୪ |
| ବହୁମାତ୍ରାରେ ମାନସିକ ଅନଗ୍ରସରତା | ୨୦ ରୁ କମ୍ |

(ଖ) କାରଣ :- ବୌଦ୍ଧିକ ଅସାମର୍ଥ୍ୟତାର କେତେକ ପ୍ରମୁଖ ଓ ପରିଚିତ କାରଣ ହୋଇପାରେ ।

୧. ରୋଗ ସଂକ୍ରମଣ ଓ ନିଶାଦ୍ରବ୍ୟ ସେବନ ଉଦାହରଣ ରୁବେଲା, ସାଇଫିଲିସ୍, ଇନ୍‌ସେଫାଲାଇଟିସ୍, ମେନିନ୍‌ଯାଇଟିସ୍)

ଟିପ୍ପଣୀ

୨. ମାନସିକ ଧକ୍‌କା/ଆଘାତ ଏବଂ ଭୌତିକ କାରକ (ଉଦାହରଣ :- ଦୁର୍ଘଟଣା, ଜନ୍ମପୂର୍ବରୁ ଜନ୍ମ ସମୟରେ ଏବଂ ଜନ୍ମ ପରେ, ଆନୋକ୍‌ସିଆ)

୩. ବିପାକ କ୍ରିୟା ଓ ପୋଷଣ (ଉଦାହରଣ - ପେନିଲ କେଟୋନ୍ୟୁରିଆ)

୪. କମ୍ ଗୁରୁତ୍ୱ ଥିବା ମସ୍ତିଷ୍କ ରୋଗ (Ex-ଟ୍ୟୁମର)

୫. ଜନ୍ମ ପୂର୍ବ ସମ୍ବନ୍ଧୀୟ ପ୍ରଭାବ (Ex-ମସ୍ତିଷ୍କ ଶୋଧହେବା/ଜଳ ଜମିବା, ଛୋଟ ମସ୍ତିଷ୍କ)

୬. କ୍ରୋମାଜମ୍ / ଗୁଣସୂତ୍ରରେ ଅସ୍ୱାଭାବିକତା (ଯେପରି ଡ଼ାଉନ୍‌ଙ୍କର ଲକ୍ଷଣାବଳୀ)

୭. ମାନସିକ ବିଶୃଙ୍ଖଳା / ମାନସିକ ବିଶୃଙ୍ଖଳାଗତ ରୋଗ (ବର୍ତ୍ତମାନ ସୁଦ୍ଧା ଏକ କାରଣ ଭାବେ କ୍ୱିଚିତ ଉପସ୍ଥାପନ କରାଯାଏ)

(ଗ) ବୌଦ୍ଧିକ ବାଧକତା ହେତୁ ପ୍ରଭାବିତ ହୋଇଥିବା ଉପାଦାନ ସମୂହ :

ବୌଦ୍ଧିକ ବାଧକତା ଥିବା ଶିଶୁର ସ୍ମରଣ ଭିତ୍ତିକ ସମସ୍ୟା, ସଚେତନତାଗତ ସମସ୍ୟା, ସମସ୍ୟାର ସମାଧାନରେ ଅସୁବିଧା, ଭାଷାଗତ ସମସ୍ୟା ରହିଥାଏ, ଯାହା ଶିଶୁର ବୋଧଗମ୍ୟତା, ଲିଖିତ ଓ ମୌଖିକ ଭାଷାରେ ଅଭିବ୍ୟକ୍ତି ଓ ବୁଝିବାରେ ସମସ୍ୟା ସୃଷ୍ଟି କରିଥାଏ ।

ଅତିମାତ୍ରାରେ ବାଧକତାରୁ ସ୍ମରଣ କରିବାରେ ଅସାମର୍ଥ୍ୟତା, ନିର୍ଦ୍ଦିଷ୍ଟ ବୌଦ୍ଧିକ କାର୍ଯ୍ୟର ଅନୁପସ୍ଥିତି ପର୍ଯ୍ୟନ୍ତ ବୌଦ୍ଧିକ ବାଧକତାର ପ୍ରକାର ବ୍ୟାପକ ଭାବରେ ପୃଥକ ଅଟେ (ଭାଷାଗତ ବାଧକତା) ଅତଏବ୍, କାର୍ଯ୍ୟ ସମ୍ବନ୍ଧୀୟ ସୀମିତତାର ପ୍ରକାର ଯାହା ଫଳ ସୃଷ୍ଟି କରିପାରିବ ତାହା ମଧ୍ୟ ପୃଥକ ହୋଇଥାଏ ।

### ୮.୨.୨ ଶ୍ରବଣ ଓ ବାକ୍ ବାଧିତ

**(କ) ଅର୍ଥ :** ଶୁଣିବାରେ କୌଣସି ପ୍ରକାର ବ୍ୟତିକ୍ରମ ଦେଖାଗଲେ, ତାହାକୁ ଶ୍ରବଣ ବାଧକତା କୁହାଯାଏ । ଅପରପକ୍ଷରେ କୌଣସି କଥୋପକଥନ ତଥା ଭାଷାକୁ କାନ ଦ୍ୱାରା ନ ଶୁଣି ପାରିବା ବ ପ୍ରଭେଦୀକରଣ ନ କରିବାକୁ ବଧିର କୁହାଯାଏ ଏବଂ ଏହାର ମାତ୍ରା ଅଧିକ ହୋଇଥାଏ । ଶ୍ରବଣ ବାଧିତ ପିଲାମାନେ ଶ୍ରବଣକୁ କଥୋପକଥନରେ ବ୍ୟବହାର କରିପାରନ୍ତି ନାହିଁ । ଖୁବ୍ କମ୍ ମାତ୍ରା ଥିବା ଶୁଣିବାରେ ବାଧକତା ବ୍ୟକ୍ତିଙ୍କୁ ଅଳ୍ପ ବଧିର କୁହାଯାଏ । ସାଧାରଣତଃ ଯଦି ଏକ ବ୍ୟକ୍ତି ଶୁଣିବା ପାଇଁ ୯୦ ଡେସିବଲ (ସାଧାରଣ ଧ୍ୱନିର ମାତ୍ରାଠାରୁ ୫ ରୁ ୧୦ ଗୁଣ ଅଧିକ ଧ୍ୱନି) ପର୍ଯ୍ୟନ୍ତ ଧ୍ୱନି ବ୍ୟବହାର କରନ୍ତି ତଥା ଉଚ୍ଚ ଶକ୍ତି ସଂପନ୍ନ ଧ୍ୱନି ଦ୍ୱାରା ଏପରି କି ଭାଷା ବୁଝି ନ ପାରନ୍ତି ତେବେ ତାଙ୍କୁ ବଧିର ବୋଲି ଧରାଯାଏ ।

ଶ୍ରବଣ ବାଧକତା ସ୍ନାୟବିକ ତଥା ଇନ୍ଦ୍ରିୟଗତ ଅଥବା ପରିବାହକଗତ ହୋଇପାରେ । ସ୍ନାୟବିକ ତଥା ଇନ୍ଦ୍ରିୟଗତ ଶୁଣିବା ସମସ୍ୟା ଅନୁଯାୟୀ, କେନ୍ଦ୍ରୀୟ ସ୍ନାୟବିକ ତନ୍ତ୍ରରେ ଥିବା ଶୁଣିବା ପଥ ନଷ୍ଟ ହେବାଦ୍ୱାରା ତଥା ଶ୍ରବଣ ସ୍ନାୟୁଠାରୁ ଆରମ୍ଭ କରି ମସ୍ତିଷ୍କ ଓ ମଧ୍ୟାଂଶ ନଷ୍ଟ ହେବା ଦ୍ୱାରା ଶ୍ରବଣ ବାଧକତା ହୋଇଥାଏ ।

ପରିବାହକ ଗତ ଶ୍ରବଣ ସମସ୍ୟା ବାହ୍ୟ ଏବଂ ମଧ୍ୟ କର୍ଣ୍ଣ ନଷ୍ଟ ହେବା ଦ୍ୱାରା ହୋଇଥାଏ ଯାହା ଧ୍ୱନି ତରଙ୍ଗକୁ କର୍ଣ୍ଣପଟ୍ଟ ପର୍ଯ୍ୟନ୍ତ ପହଞ୍ଚିବାରେ ବାଧା ସୃଷ୍ଟି କରେ ।

**(ଖ) କାରଣ :** ବଧିର ହେବାର ପ୍ରମୁଖ କାରଣଗୁଡ଼ିକ ଆନୁବଂଶିକ, ଦୁର୍ଘଟଣା ଓ ଅସୁସ୍ଥତା ଅଟେ । କେତେକାଂଶରେ ଶତକଡ଼ା ୫୦% ବଧିରତା ଆନୁବଂଶିକ ବା ବଂଶଗତ ହୋଇଥାଏ । ପାରିବେଶିକ ଉପାଦାନ (ଦୁର୍ଘଟଣା, ଅସୁସ୍ଥତା, ବିଷାକ୍ତ ଓ ଔଷଧର କୁପ୍ରଭାବ) ମଧ୍ୟ କେତେକ କ୍ଷେତ୍ରରେ ବଧିରତାର କାରଣ ହୋଇଥାଏ । ଗର୍ଭବତୀ ମାଆ ରୁବେଲା ଓ ଅନ୍ୟ ଜୀବାଣୁ/ଭୂତାଣୁ ସଂକ୍ରମିତ ହୋଇଥିଲେ ମଧ୍ୟ ଶିଶୁ ଜନ୍ମ ହେବା ପୂର୍ବରୁ ବଧିର ହୋଇଥାଏ ।



ଟିପ୍ପଣୀ

ଜନ୍ମସମୟରେ ଅମ୍ଳଜାନର ଅଭାବ ମଧ୍ୟ ଶିଶୁର ଶ୍ରବଣକୁ ପ୍ରଭାବିତ କରିଥାଏ । ଅସୁସ୍ଥତା ଓ ସଂକ୍ରମଣ ଦ୍ୱାରା ମଧ୍ୟ ଶିଶୁ ବଧିର ହେବାର ସମ୍ଭାବନା ଥାଏ । ଅବିରତ ଉଚ୍ଚ ଧ୍ୱନି କ୍ରମାଗତ ତଥା କାଳକ୍ରମେ ଇନ୍ଦ୍ରିୟ ଓ ସ୍ନାୟବିକ ଶ୍ରବଣ ସମସ୍ୟାର କାରଣ ହୋଇଥାଏ । ସେହିପରି, ଟ୍ୟୁମର, ଉଚ୍ଚ ଧ୍ୱନି ଶୁଣିବା, କାନରେ ଆଘାତ ହୋଇଥିଲେ ମଧ୍ୟ ଶ୍ରବଣ ବାଧକତା ହେବାର ସମ୍ଭାବନା ଥାଏ ।

**(ଗ) ଶ୍ରବଣ ବାଧକତା ହେତୁ ପ୍ରଭାବିତ ଉପାଦାନ ସମୂହ**

ଯୋଗାଯୋଗ ଦକ୍ଷତା ରୂପେ, ଗୋଟିଏ ଶ୍ରବଣ ବାଧିତ ପିଲା (ମୁଖ୍ୟତଃ ଯେଉଁମାନଙ୍କର ଅତିମାତ୍ରାରୁ ପ୍ରବଳ ମାତ୍ରାରେ ଶ୍ରବଣ ସମସ୍ୟା ଥାଏ) ଭାଷା ଓ କହିବା ଶିଖିବାରେ ଅଧିକ ସମୟ ଆବଶ୍ୟକ କରିଥାଏ, ଯାହା ତାଙ୍କୁ ଶିକ୍ଷା ଆହରଣ କରିବା ସହ ସମାଜିକ ଦକ୍ଷତା ବିକାଶରେ ସହାୟକ ହେବ ।

### ୮.୨.୩ କଥନ ବାଧକତା

**(କ) ଅର୍ଥ :** କଥନ ବାଧକତା, ଅଭିବ୍ୟକ୍ତିରେ ସମସ୍ୟାଠାରୁ, ବାକ୍ ଶୂନ୍ୟତା, ବହୁକାଳ ସ୍ଥାୟୀ ରୁକ୍ଷସ୍ୱର, ଖନେଇବା, କଥା କହିବାରେ ଥଙ୍ଗେଇବା ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ । କଥନ ସମସ୍ୟା ମସ୍ତିଷ୍କ ପକ୍ଷାଘାତ ଓ ଶ୍ରବଣ ବାଧକତା ସହ ମଧ୍ୟ ସଂଶ୍ଳିଷ୍ଟ କରାଯାଇପାରିବ । ବାକ୍ ସମସ୍ୟା ଥିବା ପିଲାମାନଙ୍କର ବୁଝିବା ଅସୁବିଧା ସହ ଧାରଣାର ଅଭିବ୍ୟକ୍ତିରେ ମସ୍ତିକ ଆଘାତ ଅସୁବିଧା ଦେଖାଯାଏ ।

**(ଖ) କାରଣ :** ବିଳମ୍ବିତ କଥନ - ମାନସିକ ଅନଗ୍ରସରତା, ଶ୍ରବଣ ବାଧକତା, ବ୍ୟବହାରିକ ବିଶୃଙ୍ଖଳା ଭଳି ଅନେକ ପରିସ୍ଥିତି ବିଳମ୍ବିତ କଥନର କାରଣ ହୋଇଥାଏ ।

(Cleft Palate)- ତାଳୁ ବା ପାଟିର ଉପରିଭାଗ ଓ ଓଠରେ ଗଠନଗତ ତ୍ରୁଟି ବାକ୍ ବାଧକତାର କାରଣ ହୋଇଥାଏ ।

ବାକ୍ ସମସ୍ୟା ଆବେଗିକ ଓ ମନସ୍ତାତ୍ତ୍ୱିକ ହୋଇଥାଏ । ଉଦ୍ଦୀପନାର ଅଭାବକୁ ଅନୁକୂଳିତ ବ୍ୟବହାର ଯଥା ଅତ୍ୟଧିକ କ୍ରିୟାଶୀଳତା ସମନ୍ୱୟ ହୀନତା ଏବଂ ସାଧାରଣ ବ୍ୟବହାରିକ ବିଶୃଙ୍ଖଳା ଏବଂ ଆନୁବଂଶିକ କାରଣ ହେତୁ କଥନ ବାଧକତା ହୋଇଥାଏ ।

**(ଗ) କଥନ ବାଧକତା ହେତୁ ପ୍ରଭାବିତ ଉପାଦାନ ସମୂହ :** ବିଶେଷ କରି କନିଷ୍ଠ ପିଲାମାନଙ୍କ ମଧ୍ୟରେ କଥନ ବାଧକତାରେ ପୀଡିତ ପିଲା ଉପରେ ନକରାତ୍ମକ ସାମାଜିକ ପ୍ରଭାବମାନ ପଡ଼ିଥାଏ । ବାକ୍ ସମସ୍ୟାଥିବା ପିଲାମାନେ ଅଧିକ ଭୟଭୀତ ହୋଇଥାନ୍ତି । ଅତ୍ୟଧିକ ଭୟାତୁର ହେବାର ଫଳାଫଳ ସେମାନଙ୍କର ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନ କ୍ଷୀଣ କରେ । ବୟସ ବଢିବା ସଙ୍ଗେସଙ୍ଗେ ପରବର୍ତ୍ତୀ ଜୀବନରେ ଭୟଭୀତ ହେବା କମ୍ ଅନୁଭୂତ ହୋଇଥାଏ ।

### ୮.୨.୪ ଦୃଷ୍ଟିବାଧିତ

**(କ) ଅର୍ଥ :** ଦୃଷ୍ଟି ବାଧକତା, ସ୍ୱଳ୍ପ ଦୃଷ୍ଟି ସଂପନ୍ନ ପିଲା ଯିଏ ଆଲୋକ ଜାଣିପାରେ କିନ୍ତୁ ଆକାର ଜାଣିପାରେ ନାହିଁ ଏବଂ ଯେଉଁମାନଙ୍କର ଆଲୋକ ବିଷୟରେ ଆଦୌ ଅବବୋଧ ନଥାଏ । ଯାହା ହେଉ, ସାଧାରଣ ଆଲୋଚନା ନିମିତ୍ତ ଏହି ଗୋଷ୍ଠିକୁ ଦୁଇଟି ମୁଖ୍ୟ ଭାଗରେ ବିଭକ୍ତ କରିବା ଉପଯୋଗୀ ହେବ - ସ୍ୱଳ୍ପ ଦୃଷ୍ଟି ଶକ୍ତି ସଂପନ୍ନ ଏବଂ ଆଇନତଃ ସଂପୂର୍ଣ୍ଣ ଦୃଷ୍ଟିହୀନ ।

ଯେଉଁ ପିଲାମାନଙ୍କର ଚକ୍ଷୁ ପରୀକ୍ଷାରେ ଦୃଷ୍ଟିର ତୀକ୍ଷ୍ଣତା ୨୦/୨୦୦ ଫୁଟ ରୁ ଅଧିକ ହୋଇନଥାଏ, ସେମାନଙ୍କୁ ସଂପୂର୍ଣ୍ଣ ଦୃଷ୍ଟିହୀନ ବୋଲି ବିବେଚନା କରାଯାଏ । କ୍ଷୀଣଦୃଷ୍ଟି, ମାନସିକ ଭ୍ରମ, ଚକ୍ଷୁରେ ସୂକ୍ଷ୍ମ ଆସ୍ତରଣ, ଚକ୍ଷୁର ଅସ୍ୱଚ୍ଛତା, ଦୂରଦୃଷ୍ଟି ବା ସମୀପଦୃଷ୍ଟି ହୀନତା, ଦୃଷ୍ଟି ପରିସର ସମସ୍ୟା, ଆଲୋକ ପ୍ରତି ସମ୍ବେଦନଶୀଳତା ଏବଂ

ଟିପ୍ପଣୀ

ଅନ୍ଧାରକଣା ଇତ୍ୟାଦି ଲକ୍ଷଣ ସ୍ୱଳ୍ପ ଦୃଷ୍ଟି ହୀନତାର ଅନ୍ତର୍ଭୁକ୍ତ ଅଟେ ।

**(ଖ) କାରଣ :** ଦୃଷ୍ଟିବାଧକତାର ପ୍ରମୁଖ କାରଣ ନିମ୍ନରେ ପ୍ରଦାନ କରାଗଲା ।

୧. ଭିଟାମିନ୍ 'A' ର ଅଭାବ

୨. ଗୁଣ ସୂତ୍ର ଅଥବା ଗର୍ଭାବସ୍ଥାରେ ଅନଗ୍ରସରତା ହେତୁ ଜନ୍ମଗତ ମୋତିଆବିନ୍ଦୁ

୩. ସଂପୂର୍ଣ୍ଣ ବିକାଶ ପୂର୍ବରୁ ପିଲା ଜନ୍ମ ହେବା ହେତୁ ପିଲାକୁ ତାପନିୟନ୍ତ୍ରିତ ଯନ୍ତ୍ର (ଇନକୁବେଟର) ରେ ରଖିବାଦ୍ୱାରା ଅତ୍ୟଧିକ ଅମ୍ଳଜାନଗ୍ୟାସ୍ ଦ୍ୱାରା ସଂଶ୍ଳିଷ୍ଟ ହେବାଫଳରେ ଦୃଷ୍ଟିହୀନତା ହୋଇଥାଏ ।

୪. ବାର୍ଦ୍ଧକ୍ୟବସ୍ଥା ମଧ୍ୟ ଭାଗରେ ମୋତିଆବିନ୍ଦୁ । ଏହି ପରିସ୍ଥିତିର ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା ସମ୍ଭବ ଅଟେ ।

୫. ଗ୍ଲାକୋମା – ଅତ୍ୟଧିକ ଚାପହେତୁ ଆଖିର ରେଟିନା ନଷ୍ଟ ହେବା ଦ୍ୱାରା ହୋଇଥିବା ଦୃଷ୍ଟିହୀନତା

**(ଗ) ଦୃଷ୍ଟିବାଧକତା ହେତୁ ପ୍ରଭାବିତ ଉପାଦାନ ସମୂହ**

ଦୃଷ୍ଟିବାଧିତା ଥିବା ବ୍ୟକ୍ତି ଦୃଷ୍ଟି ସଂପର୍କିତ ପ୍ରଦର୍ଶନ ତଥା ଦେଖିବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଦୃଷ୍ଟିଶକ୍ତି ଉପରେ ନିର୍ଭରଶୀଳ କାର୍ଯ୍ୟ ଯେପରିକି କମ୍ପ୍ୟୁଟର ଚାଳନା ଯେଉଁଠାରେ ଆଖି ଓ ହାତର ସମନ୍ୱୟ ଆବଶ୍ୟକ, ସେପରି କାର୍ଯ୍ୟ ସଂପାଦନ କରିବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଲିଖିତ ସୂଚନା ଏବଂ ଅନ୍ୟାନ୍ୟ ଦସ୍ତାବିଜ ଅବ୍ୟବହୃତ ହୋଇଯାଏ କାରଣ ଏହାକୁ ବ୍ୟବହାର ଅନ୍ତର୍ନିବେଶ ସ୍ଥାନିତ, ଏକତ୍ର କରିବାରେ ସମସ୍ୟା ଦେଖାଯାଇଥାଏ ।

ରଙ୍ଗ ଆଧାରିତ ଦୃଷ୍ଟିହୀନତା ଥିବା ବ୍ୟକ୍ତିଙ୍କର ବିଭିନ୍ନ ରଙ୍ଗ ଚିହ୍ନଟ ତଥା ରଙ୍ଗ ମଧ୍ୟରେ ପ୍ରଭେଦ କରିବାରେ ସମସ୍ୟା ରହିଥାଏ । ସାଧାରଣତଃ ଏହା ବହୁମାତ୍ରାରେ ସମସ୍ୟା ସୃଷ୍ଟି କରେ ନାହିଁ, ତେବେ ସେହି କ୍ଷେତ୍ରରେ ସମସ୍ୟା ସୃଷ୍ଟି କରେ ଯେଉଁଠାରେ ଅକ୍ଷରଗୁଡ଼ିକ ରଙ୍ଗରେ ପର୍ଯ୍ୟବେସିତ ହୋଇଥାଏ, ଯାହାକୁ ଚିହ୍ନଟ କରିବାରେ ବ୍ୟକ୍ତିର ସମସ୍ୟା ହୋଇଥାଏ ।

### ୮.୨.୫ ଚଳନ ବାଧକତା

**(କ) ଅର୍ଥ :** ଚଳନ ବାଧକତା ଥିବା ପିଲାମାନେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କର ଏକ ବର୍ଗ ଏବଂ ଅନ୍ୟପରି ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସାଧାରଣ ଶିଶୁ ଏବଂ ଚଳନ ବାଧିତ ଶିଶୁଙ୍କ ମଧ୍ୟରେ ମାନସ୍ତାତ୍ତ୍ୱିକ ଦୃଷ୍ଟି ପଟ୍ଟରେ ବହୁତ କିଛି ପାର୍ଥକ୍ୟ ନାହିଁ । ସେମାନଙ୍କର ନିଜସ୍ୱ ସ୍ୱତନ୍ତ୍ରତା ଏବଂ ସାମାଜିକ ପ୍ରଭାବ ରହିଛି । ପୂର୍ବରୁ ସେମାନଙ୍କୁ ସହାନୁଭୂତି / ସମବେଦନା ଦେଖାଯାଉଥିଲା କିନ୍ତୁ ସାମାଜିକ ସଚେତନତା ହେତୁ ସ୍ୱତନ୍ତ୍ର ଭାବରେ ସକ୍ଷମ ପ୍ରତି ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ହୋଇଅଛି ।

ଚଳନ ବାଧକତା ଏକ ଶାରୀରକ ସ୍ଥିତି ଯାହା ଅନ୍ୟ ସାଧାରଣ ଶିଶୁ ତୁଳନାରେ ଶିଶୁକୁ ବିଦ୍ୟାଳୟ କାର୍ଯ୍ୟ ସଂପାଦନ କରିବାର ଗତିରେ ପ୍ରତିରୋଧ ସୃଷ୍ଟି କରେ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଓ ସ୍ୱତନ୍ତ୍ର ଉପକରଣର ଆବଶ୍ୟକତା ରହିଛି ଯାହାଦ୍ୱାରା ସେମାନଙ୍କର ବିଭିନ୍ନ ପ୍ରକାର ସାମର୍ଥ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ।

**(ଖ) କାରଣ :**

– **ଗଣ୍ଠିବାତ (Arthritis)** - ଗଣ୍ଠିବାତ ରୋଗରେ ଗଣ୍ଠିଯୋଡ଼ରେ ଯନ୍ତ୍ରଣା ଅନୁଭୂତ ହୁଏ । ସାଧାରଣତଃ ଏହାଦ୍ୱାରା ଚଳନ ବା ଗତିର ମାତ୍ରା କମିଥାଏ ଏବଂ ଦୁର୍ବଳ ଲାଗେ । ଆମବାତ ଜନିତ ଗଣ୍ଠିବାତ ଦୀର୍ଘସ୍ଥାୟୀ

ଅଟେ । ଅସ୍ଥିସନ୍ଧି ପ୍ରବାହ ଜନିତ ରୋଗରେ ଗଣ୍ଠିର ସୂକ୍ଷ୍ମାସ୍ଥିରେ ପ୍ରବାହଜନିତ କ୍ଷୟ ହୋଇଥାଏ ।

– ମସ୍ତିଷ୍କ ପକ୍ଷାଘାତ – ମସ୍ତିଷ୍କ ପକ୍ଷାଘାତରେ ସାଧାରଣତଃ ସଂପୂର୍ଣ୍ଣତା ପୂର୍ବରୁ ମସ୍ତିଷ୍କ ସଂଚାଳନ ଅଂଶ କ୍ଷତିଗ୍ରସ୍ତ ହୋଇଥାଏ । ଏହା ଏକ ଆଘାତ, ରୋଗ ନୁହେଁ ଏବଂ ଏହା ଅଧିକ ସମୟଧରି ଖରାପ ହୋଇ ରହେନାହିଁ । କେତେକାଂଶରେ ଏହା ଆରୋଗ୍ୟ ସାଧ ନୁହେଁ ।

– **ମେରୁମଜ୍ଜା/ସୁଷୁମ୍ନାକାଣ୍ଡରେ ଆଘାତ** – ମେରୁ ମଜ୍ଜାରେ ଆଘାତ ହେତୁ ସ୍ୱାଭାବିକ ଭାବରେ ଗତିଶୀଳନ ପାଇଁ ଅକ୍ଷମ କରିଥାଏ । ଅକ୍ଷମତାର ମାତ୍ରା ତଥା ଶରୀରର ଅକ୍ଷମତା ମେରୁ ମଜ୍ଜାରେ ବହୁଳ ଓ ଆଂଶିକ ସ୍ନାୟୁ ଆଘାତ ଓ ସ୍ନାୟୁ ଆଘାତର ପ୍ରକାର ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

– **ମସ୍ତିଷ୍କ ଆଘାତ** – ମସ୍ତିଷ୍କ ଆଘାତ ଶବ୍ଦଟି ବ୍ୟାପକ ଭାବରେ, ଆଘାତ (Cerebral Trauma) ତଥା ମସ୍ତିଷ୍କରେ ଜୋର ଆଘାତ ହେତୁ ସଂଜ୍ଞାହୀନତା, ମସ୍ତିଷ୍କ ଅଂଶରେ ବା ସ୍ନାୟୁରେ ଆଘାତ, ଆଭ୍ୟନ୍ତରୀଣ ମସ୍ତିଷ୍କ ଆଘାତ, ଅବସାଦ, ଖପୁରୀରେ ଭଗ୍ନତା, Anoxia ଓ ଅସ୍ତ୍ରୋପଚାର ଅପରାନ୍ତେ ରୋଗ ସଂକ୍ରମଣ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରେ ।

– **ସ୍ନାୟବିକ ଧମନୀ ଆଘାତ** – ସ୍ନାୟବିକ ଧମନୀ ଆଘାତ ତିନୋଟି କାରଣ ହେତୁ ହୋଇଥାଏ । ସେଗୁଡ଼ିକ ଯଥାକ୍ରମେ କୌଣସି ରକ୍ତବାହୀଶିରା ପ୍ରଶିରାରେ ରକ୍ତ ଜମାଟ ବାନ୍ଧିବାଦ୍ୱାରା, ଟିସୁରେ ରକ୍ତ ପ୍ରବାହ ଯଦ୍ୱାରା ଉଚ୍ଚ ରକ୍ତଚାପ ବା ଧମନୀର ଅବରୁଦ୍ଧ ଅବସ୍ଥା ଇତ୍ୟାଦି ।

– **ଅଙ୍ଗଚ୍ଛେଦ** – କୌଣସି ପ୍ରକାର ଆଘାତ (ବିସ୍ଫୋରଣ ଜନିତ, ଯନ୍ତ୍ରଜନିତ କ୍ଷତାକ୍ତ, ବିଚ୍ଛିନ ହେବା, ଜ୍ୱଳନ) ଓ ଅସ୍ତ୍ରୋପଚାର (କର୍କଟ ରୋଗ, ମଧୁମେହ ରୋଗ, ଧମନୀ ସମ୍ବନ୍ଧୀୟ ରୋଗ) ହେତୁ ଅଙ୍ଗଚ୍ଛେଦହେବା ଚଳନ ବାଧକତାର ଏକ କାରଣ ଅଟେ ।

– **ପାରକିନସନ ବ୍ୟାଧି** – ଏହା ଏକ କ୍ରମ ବର୍ଦ୍ଧିଷ୍ଣୁ ରୋଗ, ଯାହା ବୟସ୍କ ବ୍ୟକ୍ତିଙ୍କ ପାଖରେ ପରିଲକ୍ଷିତ ହୁଏ । ମାଂସପେଶୀର କଠୋରତା, ଚଳନରେ ମନ୍ଥରତା, ସ୍ୱତନ୍ତ୍ର ପ୍ରକାର କମ୍ପନ ଇତ୍ୟାଦି ପାରକିନସନ୍ ବ୍ୟାଧିର ଲକ୍ଷଣ ଅଟେ । ଏହା ପ୍ରକୃତ ପକ୍ଷାଘାତ ନୁହେଁ ।

– **ଧମନୀ ପାଖ ତନ୍ତୁ ଟାଣ ହୋଇଯିବା ଯୋଗୁ ତନ୍ତୁବିଧ ରୋଗ:** ଏହା ଏକ କ୍ରମବର୍ଦ୍ଧିଷ୍ଣୁ ରୋଗ ଯାହା ସ୍ନାୟୁ ଶିରାର ତନ୍ତୁ ନଷ୍ଟ ହେବା ଦ୍ୱାରା ହୋଇଥାଏ ।

– ମାଂସପେଶୀୟ ପୋଷକ ଜନିତ ରୋଗ ବଂଶାନୁଗତ, ଯାହା ମାଂସପେଶୀ ସଂକୋଚନ, ଚାଲିବା ସମସ୍ୟା, ଶ୍ୱାସକ୍ରିୟାରେ ଅସୁବିଧା ଓ ହସ୍ତଚାଳନାରେ ସମସ୍ୟାର କାରଣ ହୋଇଥାଏ ।

**(ଗ) ଚଳନ ବାଧକତା ହେତୁ ପ୍ରଭାବିତ ଉପାଦାନ ସମୂହ**

ଚଳନ ବଧକତା ହେତୁ ବ୍ୟକ୍ତି ବହୁ ସମସ୍ୟାର ସମ୍ମୁଖୀନ ହୋଇଥାଏ ଯଥା ଦୁର୍ବଳ ମାଂସପେଶୀ ନିୟନ୍ତ୍ରଣ, ଦୁର୍ବଳତା, କ୍ଳାନ୍ତି, ଚାଲିବା, କଥାକହିବା, ଦେଖିବା, କଥାହେବା, ଇନ୍ଦ୍ରିୟାନୁଭୂତି, ବସ୍ତୁ ଧରିବା, ବିଭିନ୍ନ ପ୍ରକାର ଜଟିଳ କାର୍ଯ୍ୟ (ଠେଲିବା, ବୁଲେଇବା) ଇତ୍ୟାଦି । ମେରୁମଜ୍ଜାରେ ଆଘାତପ୍ରାପ୍ତ ବ୍ୟକ୍ତି ଅଙ୍ଗପ୍ରତ୍ୟଙ୍ଗ ଚାଳନା କରିପାରନ୍ତି ନାହିଁ । ବାଧକତା ଯଥା- ମସ୍ତିଷ୍କ ପକ୍ଷାଘାତ, ମେରୁଦଣ୍ଡ କ୍ଷତ, ଆଣ୍ଠୁଗଣ୍ଠିଜାତ, ଧମନୀ ତନ୍ତୁ ଟାଣ ଯୋଗୁଁ ତନ୍ତୁବିଧ ରୋଗ, ପୁଷ୍ଟିକର ଖାଦ୍ୟ ଅଭାବ ଜନୀତ ପେଶୀୟ ସମସ୍ୟା ଥିବା ବ୍ୟକ୍ତିଙ୍କ ପକ୍ଷେ ଗତିକରିବା କଷ୍ଟକର ବା ଅସମ୍ଭବ ହୋଇଥାଏ ।

**୮.୨.୬ ବହୁବିଧ ଅକ୍ଷମତା**

**(କ) ଅର୍ଥ :-** ସାଧାରଣତଃ ଯେଉଁ କାରଣ ଗୁଡିକ ଗୋଟିଏ ପ୍ରକାର ଅକ୍ଷମତା ଓ ଅନ୍ୟ ଅକ୍ଷମତାର କାରଣ ହୋଇଥାଏ । ଏହା ବିଶେଷତଃ ସତ୍ୟ ଅଟେ । ଯେଉଁ ପରିସ୍ଥିତିରେ ରୋଗ ବା ଆଘାତ ଗଭୀର ଅଥବା ଅକ୍ଷମତା

ଟିପ୍ପଣୀ

ବୟସବୃଦ୍ଧି ହେତୁ ହୋଇଥାଏ, ସେପରି ପରିସ୍ଥିତିରେ ଏପରି ପରିଲକ୍ଷିତ ହୁଏ । ବଧିର - ଦୃଷ୍ଟୀହୀନତା ଏକ ସାଧାରଣ ଚିହ୍ନିତ ସଂଯୋଗ । ଏମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ପ୍ରଗାଢ଼ ଭାବରେ ବଧିର ବା ଆଇନତଃ ଦୃଷ୍ଟିହୀନ ହୋଇନଥାନ୍ତି କିନ୍ତୁ ଚକ୍ଷୁହୀନ, ବଧିର ବ୍ୟକ୍ତି ଏପରି ମାତ୍ରାରେ ବାଧିତ ଯେଉଁଥିରେ ସେମାନେ ଏକାକୀ ବଧିର ବା ଦୃଷ୍ଟିହୀନତା ପାଇଁ କୌଶଳ କାର୍ଯ୍ୟ କରେ ନାହିଁ । ବିକାଶ ବାଧିତ ବ୍ୟକ୍ତିଙ୍କ ପାଖରେ ଉଭୟ ମାନସିକ ଓ ଶାରୀରିକ ଅକ୍ଷମତାର ସଂଯୋଗ ପରିଲକ୍ଷିତ ହୁଏ, ଯାହା ଜୀବନ ନିର୍ବାହ କାର୍ଯ୍ୟର ଦୁଇ ବା ତିନୋଟି ମୁଖ୍ୟ କ୍ଷେତ୍ରରେ ପ୍ରକୃତରେ କାର୍ଯ୍ୟ କରିବାରେ ବାଧା ଉତ୍ପନ୍ନ କରେ । ମଧୁମେୟ, ଚକ୍ଷୁହୀନତାର କାରଣ ହୋଇଥାଏ । ବେଳେବେଳେ ମଧ୍ୟ ଅଙ୍ଗୁଳିର ସମ୍ବେଦନଶୀଳତା ହାନୀର କାରଣ ହୋଇଥାଏ । ଫଳରେ ଏହା କ୍ରଲ ବା ଉଚ୍ଚା ଅକ୍ଷରଗୁଡ଼ିକୁ ପଢ଼ିବା ଅସମ୍ଭବ ହୋଇଥାଏ । କେତେକାଂଶରେ ମସ୍ତିଷ୍କ ପକ୍ଷପାତ, ଦୃଷ୍ଟିବାଧକତା, ଶ୍ରବଣ ବାଧକତା ଏବଂ ଭାଷାଜନିତ ବାଧକତା ବା ବୌଦ୍ଧିକ ବାଧକତା ସହ ସଂଶ୍ଳିଷ୍ଟ ହୋଇଥାଏ ।

**(ଖ) କାରଣ ସମୂହ :** ବହୁବିଧ ଅକ୍ଷମତାର ଅନେକ ସାମାଜିକ, ପାରିପାର୍ଶ୍ୱିକ ଏବଂ ଶାରୀରିକ କାରଣ ରହିଛି, ଯଦିଓ କିଛି ଅକ୍ଷମତା ପାଇଁ କୌଣସି ନିର୍ଦ୍ଦିଷ୍ଟ କାରଣ ନିର୍ଦ୍ଧାରଣ କରାଯାଇନାହିଁ । ସାଧାରଣ କାରଣ ଗୁଡ଼ିକ ଯାହା ବହୁବିଧ ବାଧକତା ସୃଷ୍ଟି କରିଥାଏ ତାହା ନିମ୍ନରେ ପ୍ରଦାନ କରାଗଲା ।

- ଜନ୍ମ ପୂର୍ବରୁ, ଜନ୍ମ ସମୟରେ ବା ଜନ୍ମପରେ ହୋଇଥିବା ମସ୍ତିଷ୍କ ଆଘାତ ଓ ସଂକ୍ରମଣ
- ବୃଦ୍ଧି ଓ ପୋଷକ ଜନିତ ସମସ୍ୟା (ପ୍ରସବ ପୂର୍ବ, ପ୍ରସବ ସମୟ ବା ପ୍ରସବ ପରେ)
- ଗୁଣସୂତ୍ର ବା ଜିନ୍‌ର ଅସ୍ୱାଭାବିକତା
- ଧାର୍ଯ୍ୟ ଜନ୍ମ ସମୟର ବହୁ ପୂର୍ବରୁ ଜନ୍ମଗ୍ରହଣ - ଅତ୍ୟନ୍ତ ଅକାଳପକ୍ୱ କୁହାଯାଏ
- ମାତୃତ୍ୱ ସମୟରେ ଅପପୁଷ୍ଟି ଏବଂ ସାଧାରଣ ସ୍ୱାସ୍ଥ୍ୟ ସାବଧାନତା ବା ଯତ୍ନର ଅଭାବ
- ଗର୍ଭାବସ୍ଥାରେ ଔଷଧର ଅପବ୍ୟବହାର, ମଦ୍ୟପାନ, ଧୂମପାନ
- ଗର୍ଭାବସ୍ଥାରେ ନିଦବଟିକା ସେବନ
- ବହୁମାତ୍ରାରେ ଶାରୀରିକ ଦୁର୍ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଆଘାତ ଏବଂ ଶିଶୁର ଶିକ୍ଷଣ ସାମର୍ଥ୍ୟ ଓ ସାମାଜିକ ଓ ଆବେଗିକ ବିକାଶରେ ବାଧା ସୃଷ୍ଟି ।

### ୮.୨.୭ ଶିକ୍ଷଣ ବାଧକତା

**(କ) ଅର୍ଥ :** ଶିକ୍ଷଣ ବାଧକତା ଏକ ଭିନ୍ନ ପ୍ରକାର ପରିସ୍ଥିତି ଯାହାର ଉତ୍ପତ୍ତି ସ୍ନାୟୁ ସମ୍ବନ୍ଧୀୟ ବୋଲି କୁହାଯାଏ । ଏହା ଅବବୋଧ ବା ଶୁଣିବା, ଦେଖିବା, ସ୍ଥାନ ସମ୍ବନ୍ଧୀୟ ସୂଚନା ବା ଏ ସୂଚନାଗୁଡ଼ିକର ଯେକୌଣସି ସଂଯୋଗ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରେ ।

ଶିକ୍ଷଣ ବାଧକତା ମଧ୍ୟମ ଓ ଅଧିକ ବୁଦ୍ଧି ସଂପନ୍ନ ପିଲାଙ୍କ ନିକଟରେ ପରିଲିଖିତ ହୁଏ । ଏବଂ ସେମାନେ କୌଣସି ଏକ କଥିତ ବା ଲିଖିତ ଭାଷାକୁ ବୁଝିବା ଓ ବ୍ୟବହାର କରିବା ପାଇଁ ଏକରୁ ଅନେକ ପ୍ରକାର ପ୍ରକ୍ରିୟା ଅବଲମ୍ବନ କରନ୍ତି । ଭାଷା ଶିକ୍ଷଣ ସମସ୍ୟା ତଥା ଡିସଲେକ୍ସିଆ ଏବଂ ଗାଣିତିକ ସମସ୍ୟା ତଥା ଡିସକାଲକୁଲିଆ, ଏପରି ଅକ୍ଷମତାର ଅନ୍ତର୍ଭୁକ୍ତ ଅଟେ । ସେମାନଙ୍କ ମଧ୍ୟରେ ଅକ୍ଷମତାର ମାତ୍ରାରେ ବ୍ୟାପକ ଭିନ୍ନତା ଦୃଷ୍ଟିଗୋଚର ହୁଏ । ବୌଦ୍ଧିକ ସାମର୍ଥ୍ୟ, ଉପଲବ୍ଧି ଓ ଫଳାଫଳରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହେଉଥିବା ପ୍ରଭେଦ ଶିକ୍ଷଣ ଅକ୍ଷମତାର ଲକ୍ଷଣ ଅଟେ ।

**(ଖ) କାରଣ ସମୂହ :** ଶିକ୍ଷଣ ଅକ୍ଷମତାର କାରଣ ଭଲ ଭାବରେ ବୁଝି ହୁଏ ନାହିଁ ଏବଂ ବେଳେବେଳେ ଶିକ୍ଷଣ ଅକ୍ଷମତାର କୌଣସି ଆଖିଦୃଶିଆ କାରଣ ନଥାଏ । ତଥାପି, କେତେକ ସ୍ନାୟବିକ ବାଧକତାର କାରଣ ଅର୍ନ୍ତଭୁକ୍ତ

ଟିପ୍ପଣୀ

କରିଥାଏ ।

**- ବଂଶାନୁଗତ-ପରିବାରରେ ଅନେକ ସମୟରେ ଦେଖାଦେଉଥିବା ଶିକ୍ଷଣ ଅକ୍ଷମତା**

ଗର୍ଭାବସ୍ଥା ଓ ଜନ୍ମ ସମୟର ସମସ୍ୟା - ମସ୍ତିଷ୍କ ବିକାଶ, ଆଘାତ, ଅସୁସ୍ଥତା, ନିଶା ସେବନ, ଜନ୍ମ ସମୟରେ କମ୍ ଓଜନ, ଅମ୍ଳଜାନର ଅଭାବ, ସମୟପୂର୍ବରୁ ବିକଶିତ ହେବା ତଥା ବହୁ ସମୟଧରି ପ୍ରସବ କଷ୍ଟ ଭୋଗକରିବା, ଶିକ୍ଷଣ ଅକ୍ଷମତାର କାରଣ ହୋଇଥାଏ ।

ଜନ୍ମ ପର ଦୁର୍ଘଟଣା - ମସ୍ତିଷ୍କ ଆଘାତ, ପୋଷକର ଅଭାବ, ବିଷ (କୀଟନାଶକ) ସହ ସଂସ୍ପର୍ଶରେ ଆସିବା ଆଦି ହେବା ଶିକ୍ଷଣ ଅକ୍ଷମତାର ମଧ୍ୟ କାରଣ ହୋଇଥାଏ ।

### ୮.୨.୮ ଆବେଗିକ ଓ ବ୍ୟବହାରିକ ବିଶୃଙ୍ଖଳା

**(କ) ଅର୍ଥ :** ଆବେଗିକ ଓ ବ୍ୟବହାରିକ ବିଶୃଙ୍ଖଳା ଏକ ବ୍ୟାପକ ଶ୍ରେଣୀ ଯାହା ସାଧାରଣତଃ ଶୈକ୍ଷିକ ସ୍ଥିତିରେ ପିଲା ବା କିଶୋର ମାନଙ୍କର ଉପଲବ୍ଧ ହୋଇଥିବା ଏକ ବା ଅଧିକ ଶ୍ରେଣୀର ଅସୁବିଧାଗୁଡିକ ପାଇଁ ବ୍ୟବହାର କରାଯାଇଥାଏ ।

ନିମ୍ନ ପ୍ରଦତ୍ତ ଲକ୍ଷଣ ଗୁଡ଼ିକ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଲକ୍ଷଣ ଏକ ଶିଶୁ ନିକଟରେ ସ୍ପଷ୍ଟ ଭାବରେ ବହୁ ସମୟରେ ପରିଲକ୍ଷିତ ହେଲେ ତାହା ଶିଶୁର ଶିକ୍ଷଣକୁ ବହୁଳ ଭାବରେ ପ୍ରଭାବିତ କରେ ।

୧- ଶିକ୍ଷଣରେ ସମସ୍ୟା ଯାହା ବୌଦ୍ଧିକ, ଇନ୍ଦ୍ରିୟଗତ ବା ସ୍ୱାସ୍ଥ୍ୟଗତ କାରକ ଦ୍ୱାରା ସ୍ପଷ୍ଟ କରାଯାଇ ପାରିବ ନାହିଁ ।

୨- ସହପାଠୀ ଏବଂ ଶିକ୍ଷକଙ୍କ ସହ ବ୍ୟକ୍ତିଗତ ପାରସ୍ପରିକ ସଂପର୍କ ଗଠନ କରିବାରେ ଓ ବଜାୟ ରଖିବାରେ ଅସୁବିଧା ।

୩- ସ୍ୱାଭାବିକ ପରିସ୍ଥିତିରେ ଅନୁପଯୁକ୍ତ ବ୍ୟବହାର ଓ ଅନୁଭବ ।

୪- ଦୁଃଖ ବିଷାଦଗ୍ରସ୍ତ ମାନସିକ ଭାବ ।

୫- ବିଦ୍ୟାଳୟ ଓ ବ୍ୟକ୍ତିଗତ ସମସ୍ୟା ସହ ସଂଶ୍ଳିଷ୍ଟ ଶାରୀରିକ ରୋଗର ଲକ୍ଷଣ ତଥା ଭୟର ପ୍ରବୃତ୍ତି ।

**(ଖ) କାରଣ ସମୂହ :** ଜୀବବିଜ୍ଞାନ ଏହାର ଏକ ପ୍ରମୁଖ କାରକ ଅଟେ । ଆବେଗିକ ଓ ବ୍ୟବହାରିକ ବିଶୃଙ୍ଖଳା, ଉତ୍ତରାଧିକାର ସୂତ୍ରରେ ଗୁଣସୂତ୍ରଦ୍ୱାରା, ରାସାୟନିକ ପ୍ରଭାବ ହେତୁ ମାନସିକ ଅସନ୍ତୁଳନତା ତଥା ମାନସିକ ଆଘାତ ହେତୁ ହୋଇଥାଏ । ବ୍ୟକ୍ତିର ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରେ । ଯଦି ଯୁବାବସ୍ଥାରେ ଅପବ୍ୟବହାର, ଅତ୍ୟନ୍ତ ମାନସିକ ଚାପ, ମୃତ୍ୟୁ ବା ପାରିବାରିକ କ୍ଷତି, ହିଂସା ସହିତ ଉନ୍ମୁକ୍ତ / ଜଡ଼ିତ ହେବାଦ୍ୱାରା ବ୍ୟକ୍ତିର ଏପରି ବିଶୃଙ୍ଖଳିତ ଆଚରଣ ବିକଶିତ ହୋଇଥାଏ ।

### ୮.୨.୯ ପ୍ରତୀକ୍ଷାରତ ପିଲା ବିଷୟରେ ଧାରଣା

ଯେଉଁ ଯୋଗ୍ୟ ଶିଶୁମାନେ ଆଇନତଃ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ ହେବା ପାଇଁ ପ୍ରତୀକ୍ଷା କରିଥାନ୍ତି ସେମାନଙ୍କୁ ପ୍ରତିକ୍ଷାରତ ଶିଶୁ ବୋଲି କୁହାଯାଏ । ସେମାନେ ସାର୍ବଜନୀନ ଶିଶୁ କଲ୍ୟାଣ ବ୍ୟବସ୍ଥାର ଯତ୍ନରେ ରହିଥାନ୍ତି । ଜନ୍ମିତ ଗୃହକୁ ଫେରିପାରିବେ ନାହିଁ ଏବଂ ସ୍ଥାୟୀ ପରିବାର ଆବଶ୍ୟକ କରନ୍ତି ।

ଏହି ଶବ୍ଦଟି ସାଧାରଣତଃ ନବଜାତକ ନ ହୋଇ ବିଦ୍ୟାଳୟ ଯିବା ବୟସ୍କ ଶିଶୁଙ୍କୁ ବୁଝାଏ ଯେଉଁମାନେ ଆଇନତଃ ପୋଷ୍ୟଗ୍ରହଣ ନିମନ୍ତେ ଉପଲବ୍ଧ ହୋଇପାରନ୍ତି । ସେମାନଙ୍କର ପ୍ରଶାସନ ଓ ଜନକଲ୍ୟାଣ, ବିକାଶ ଓ ସେବା ପ୍ରଦାନକାରୀ ସଂସ୍ଥା ରକ୍ଷଣାବେକ୍ଷଣ କରନ୍ତି । ବିଭିନ୍ନ କାରଣ ହେତୁ ସେମାନଙ୍କର ଯତ୍ନ ନିଆଯାଏ । ପାରିବାରିକ

ଟିପ୍ପଣୀ

ପରିସ୍ଥିତିରେ ଅବହେଳା, ଅପବ୍ୟବହାର, ପରିତ୍ୟାଗ ଓ ସ୍ୱାଭାବିକ କାର୍ଯ୍ୟ କରିବାରେ ବିଫଳତା ଇତ୍ୟାଦି ଏହାର କାରଣ ଅଟନ୍ତି ।

ପ୍ରତୀକ୍ଷାରତ ଶିଶୁଙ୍କର ଅନେକ ନିଜସ୍ୱ ଭାଇଭଉଣୀ ଥାନ୍ତି ଯେଉଁମାନେ ମଧ୍ୟ ପୋଷ୍ୟ ଗ୍ରହଣ ନିମନ୍ତେ ଲଭ୍ୟ ଅଟନ୍ତି ଏବଂ ସେମାନେ ଏକାଠି ଏକ ପରିବାର ଭାବେ ରହିବାକୁ ଇଚ୍ଛାକରନ୍ତି । ଅଧିକାଂଶ ଭୌଗୋଳିକ ପରିସ୍ଥିତିରେ ଅଧାରୁ ଅଧିକ ପ୍ରତୀକ୍ଷାରତ ଶିଶୁ ଜାତିଗତ ଭାବେ ଭିନ୍ନଭିନ୍ନ ବା ବର୍ଣ୍ଣରେ ଭିନ୍ନ ହେବେ । ଦୁଇଟି କଥା ସମସ୍ତ ପ୍ରତୀକ୍ଷାରତ ଶିଶୁଙ୍କ କ୍ଷେତ୍ରରେ ସମାନ, ଯାହା-

୧. ଏକ ଦାୟିତ୍ୱବାନ ଓ ଯତ୍ନଶୀଳ ପରିବାରର ସ୍ଥାୟୀ ଅଂଶ ହେବାକୁ ସେମାନଙ୍କର ଆବଶ୍ୟକତା, ଯେଉଁଠି ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟ ହାସଲ ନିମିତ୍ତ ସେମାନଙ୍କୁ ସମସ୍ତେ ଭଲ ଭାବେ ଓ ଉତ୍ସାହିତ କରିବେ ।

୨. ଯଦିଓ ଅସମ୍ପୂର୍ଣ୍ଣ ଓ କଷ୍ଟକର, ତଥାପି ସେମାନେ ସେମାନଙ୍କର ନୂଆ ପରିବାର ପାଇଁ ଖୁସି ଓ ସନ୍ତୋଷ ଆଣିପାରିବେ ।

ଭାରତୀୟ ପୋଷ୍ୟଗ୍ରହଣ ବ୍ୟବସ୍ଥା ଅନୁଯାୟୀ କେବଳ ହିନ୍ଦୁ ମାନଙ୍କ ଦ୍ୱାରା ପୋଷ୍ୟ ଗ୍ରହଣ ବ୍ୟବସ୍ଥା ବ୍ୟତୀତ, ଅନ୍ୟମାନଙ୍କ ପାଇଁ ଭାରତୀୟ ଆଇନରେ ପୋଷ୍ୟ ଗ୍ରହଣର ବ୍ୟବସ୍ଥା ନାହିଁ । ଦୋଶ ଛାଡ଼ିବା ନିମନ୍ତେ ଶିଶୁଙ୍କୁ ପୋଷ୍ୟଗ୍ରହଣ କରିଥିବା ଅଭିଭାବକଙ୍କ ଲକ୍ଷଣାବେକ୍ଷଣରେ ରଖାଯାଏ ଏବଂ ପୋଷ୍ୟ ଗ୍ରହଣ ପିତାମାତାଙ୍କ ନିଜ ଦେଶରେ ନିଶ୍ଚିତ ହେବା ଆବଶ୍ୟକ ।

**ନିଜ ଅଗ୍ରଗତିର ଆକଳନ - ୧**

୧. ଯେଉଁଶିଶୁମାନେ ପୋଷ୍ୟଗ୍ରହଣ ନିମନ୍ତେ ପ୍ରତିକ୍ଷା କରିଥାନ୍ତି ଏବଂ ଯେଉଁମାନେ ଆଇନତଃ ପୋଷ୍ୟଗ୍ରହଣ ନିମନ୍ତେ ଯୋଗ୍ୟ ଅଟନ୍ତି ସେମାନଙ୍କୁ -------------- କୁହାଯାଏ ।

୨. ଏକ ଶିଶୁକୁ ଆଇନତଃ ଦୃଷ୍ଟିହୀନ ବୋଲି କୁହାଯାଏ, ଯେତେବେଳେ ତାହାର ଦୃଷ୍ଟିର ତୀକ୍ଷ୍ଣତା ----------- ଥାଏ ।

(୨୦/୨୦, ୨୦/୨୦୦, ୨୦/୨୦୦୦, ୧୦/୨୦୦)

୩. ଏକ ଶ୍ରବଣ ବାଧିତ ଶିଶୁ ------------ ଶିକ୍ଷଣରେ ଯଥେଷ୍ଟ ସମୟ ଅତିବାହିତ କରିବା ଆବଶ୍ୟକ କରେ ।

(ଭାଷା, ବ୍ରେଲ, ଲିଖନପଠନ)

୪. ଭିଟାମିନ୍ 'A' ର ଅଭାବ ----------- ର ଏକ କାରଣ ଅଟେ ।

(ଶ୍ରବଣ ବାଧିତ, ଚଳନ ବାଧିତ, ବୌଦ୍ଧିକ ବାଧକତା, ଦୃଷ୍ଟିବାଧିତ)

## ୮.୩ ପ୍ରାରମ୍ଭିକ ଚିହ୍ନଟୀକରଣ, ଆକଳନ ଏବଂ ପଦକ୍ଷେପ ଗ୍ରହଣ

ବୌଦ୍ଧିକ ଅକ୍ଷମତା
ମାନସିକ
ଅନଗ୍ରସରତା

ପ୍ରାକ୍ ଶୈଶବ ଯତ୍ନ ଓ ବିକାଶର ଆବଶ୍ୟକତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ ଅଟେ । ଶିଶୁକୁ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରସ୍ତୁତ କରିବା ଓ ପ୍ରାଥମିକ ଓ ମାଧ୍ୟମିକ ସ୍ତରର ଅସୁବିଧାକୁ ଦୂର କରିବାର ପୂର୍ବ ପଦକ୍ଷେପ ବୋଲି ବିବେଚନା କରାଯାଏ । ଏହା ମଧ୍ୟ ଅନ୍ତର୍ନିହିତ ରୂପରେ ପ୍ରତ୍ୟେକ ଶିଶୁ ମଧ୍ୟରେ ଅବଶିଷ୍ଟ କ୍ଷମତାର ପୂର୍ଣ୍ଣ ସଦୁପଯୋଗ କରିବା ନିମନ୍ତେ ଅତ୍ୟାବଶ୍ୟକ ଅଟେ । କାରଣ ଏହା ପିଲାମାନଙ୍କର ଭବିଷ୍ୟତର ମୂଳଦୁଆ ସ୍ଥାପନ କରେ ଏବଂ ସେମାନଙ୍କର ସମଗ୍ର ବିକାଶକୁ ତ୍ୱରାନ୍ୱିତ କରିଥାଏ ।

ପ୍ରାରମ୍ଭିକ ଚିହ୍ନଟିକରଣ ଓ ବିଭିନ୍ନ ପଦକ୍ଷେପର ଉପକାରିତାକୁ ସ୍ୱୀକାର କରାଯାଇଅଛି ଓ ଥଇଥାନ

ଟିପ୍ପଣୀ

କ୍ଷେତ୍ରରେ ବିଶେଷଜ୍ଞ ମାନଙ୍କର ଦ୍ୱାରା ପ୍ରଲିଖିତ ହୋଇଅଛି । ICDS ଏକ ବ୍ୟାପକ ଶିଶୁ ବିକାଶ କାର୍ଯ୍ୟକ୍ରମ ରୂପେ ଆରମ୍ଭ ହୋଇଥିଲା ଯାହା ପୋଷଣ ଉପରେ ଗୁରୁତ୍ୱ ଦିଏ । ପରେ ଏହି କାର୍ଯ୍ୟକ୍ରମ କିଶୋରୀମାନଙ୍କର ଜନ୍ମ ପୂର୍ବରୁ ଓ ଜନ୍ମ ପରବର୍ତ୍ତୀ ଯତ୍ନ ଏବଂ ଛଅ ବର୍ଷ ପୂର୍ବରୁ ବିଦ୍ୟାଳୟ ପୂର୍ବ ଶିକ୍ଷା ଆଦିକୁ ବିସ୍ତାରିତ କରାଯାଇଥିଲା । ତୃଣମୂଳ ସ୍ତରର କର୍ମକର୍ତ୍ତା (ଅଙ୍ଗନବାଡ଼ି କର୍ମୀ)ଙ୍କ ନିମନ୍ତେ ବାଧକତା ଉପରେ ଏକ ସଚେତନତା ପୁସ୍ତିକା ତାଲିମ ଉପାଦାନ ରୂପେ ସାମିଲ କରାଯାଇ ଥିଲା । ଯାହାହେଉ, ବାଧକତା ଥିବା ପିଲାମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ପରିକଳ୍ପନା ଅନୁସାରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା ।

ଉପଯୁକ୍ତ କୌଶଳ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ପାଞ୍ଚବର୍ଷ ବୟସ ଭିତର ବାଧକତା ଥିବା ପିଲାମାନଙ୍କର ପ୍ରାରମ୍ଭିକ ଚିହ୍ନଟୀକରଣ, ଉଦ୍ଦୀପନା ଓ ପଦକ୍ଷେପ ଗ୍ରହଣ କରିବା ମଧ୍ୟମ ବାଧକତା ଏବଂ ସମସ୍ୟାର ଗଭୀରତାକୁ ପ୍ରତିରୋଧ କରିବାରେ ସାହାଯ୍ୟ କରିବ ।

ଅଧିକାଂଶ ପିତାମାତା ଚିନ୍ତିତ ଯେ ସେମାନଙ୍କ ପିଲାଙ୍କୁ ସ୍ୱତନ୍ତ୍ର ଆବଶ୍ୟକତା ପିଲା ରୂପେ ଚିହ୍ନଟୀକରଣ ଦ୍ୱାରା ସେମାନଙ୍କ ପିଲାମାନେ ନିନ୍ଦିତ ହେବେ । ସେମାନେ ବିଚାର କରନ୍ତି ଯେ ପିଲାଙ୍କୁ ସାଧାରଣ କାର୍ଯ୍ୟଧାରାରୁ ନିବୃତ କରିବା ଓ ସେହିବୟସ୍କ ପିଲାଙ୍କ କାର୍ଯ୍ୟରୁ ନିବୃତ୍ତ କରିବା ଭଳି ବିପଦର ଆଶଙ୍କା ଥାଏ ଯଦି ସ୍ୱତନ୍ତ୍ର ଆବଶ୍ୟକତାଗୁଡ଼ିକୁ ଚିହ୍ନଟ କରାଯାଏ ।

ତେଣୁ, ବ୍ୟବହାରିକ ପ୍ରୟୋଜନ ନିମନ୍ତେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁମାନଙ୍କୁ ଯଥାସମ୍ଭବ ଚିହ୍ନଟ କରିବା ନିତାନ୍ତ ଅପରିହାର୍ଯ୍ୟ, ଯଦ୍ୱାରା ସେମାନେ ସର୍ବୋତ୍ତମ ଜୀବନ ବଞ୍ଚିବା ପାଇଁ ଆବଶ୍ୟକ କରୁଥିବା ବିଶେଷ ସହାଯ୍ୟ ପାଇ ପାରିବେ ।

ଏଥିରେ ଶିକ୍ଷକଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରଥମେ ଶିକ୍ଷକ ଏହି ଏକକରେ ବର୍ଣ୍ଣିତ ଲକ୍ଷଣ ଗୁଡ଼ିକୁ ପିଲାପାଖରେ ଲକ୍ଷ୍ୟ କରି ଚିହ୍ନଟ କରିବେ, ଏହାପରେ ଶିକ୍ଷକ ତନଖୀ ଫର୍ଦ୍ଦ ପୂରଣ କରିବେ ଏବଂ ଏହାପରେ ପିଲାଟିକୁ ଆକଳନ ପାଇଁ ପେଶାଦାରଙ୍କ ପାଖକୁ ପଠାଇବେ ।

ଆଦ୍ୟ ଶୈଶବାବସ୍ଥା ବିକାଶରେ ମନ୍ଥରତାର କେତେକ ସତର୍କ ସୂଚନା ;

- ଉଚ୍ଚ ଧ୍ୱନି ପ୍ରତି ପ୍ରତିକ୍ରିୟାହୀନତା
- ହାତକୁ ଆବିଷ୍କାର କରି ନଥାଏ, ସେମାନେ ତାଙ୍କର ହାତକୁ ପାଟିରେ ନ ପୁରାଇ ପାରିବା ।
- ଆଖି ସାହାଯ୍ୟରେ କୌଣସି ବସ୍ତୁର ଗତିକୁ ଲକ୍ଷ୍ୟ କରିନପାରିବା ବା ଧ୍ୱନି /ଶବ୍ଦ ଆଡ଼କୁ ମୁଣ୍ଡ ନ ବୁଲାଇବା ।
- ଖେଳନା ପାଖରେ ପହଞ୍ଚିନପାରିବା ବା ସେଗୁଡ଼ିକୁ ଦୃଢ଼ଭାବରେ ଧରିନପାରିବା ।
- ଅଧିକ କଠିନ ବା ଦୋଦୁଲ୍ୟମାନ ଅଙ୍ଗପ୍ରତ୍ୟଙ୍ଗ ହୋଇନଥାଏ ।
- ଅନ୍ୟ ତୁଳନାରେ ନିଜ ଶରୀରର ଗୋଟିଏ ପାଖକୁ ଗୁରୁତ୍ୱ ଦେବା ।
- ଛୋଟବସ୍ତୁକୁ ଉଠାଇ ନ ପାରିବା ।
- ଅବାଗିଆ କାମ କରିବା ଏବଂ ଅନେକ ସମୟରେ ପଡ଼ିଯିବା ।
- ଅବିରତ ଭାବରେ ପାଟିରୁ ଲାଳ ଗଡ଼ିବା ।
- ଅନ୍ୟ ପିଲାଙ୍କ ସହ ଖେଳିବାରେ ରୁଚି ନ ରଖିବା ।
- ସହଜ ସୂଚନାକୁ ଅନୁସରଣ କରି ନ ପାରିବା ।
- ମାଆଠାରୁ ଅଲଗା ହେଲେ ଦୁଃଖିତ ଓ ବ୍ୟଗ୍ର ହେବ ।
- ଅପିରିଚିତ ବ୍ୟକ୍ତିଙ୍କ ପାଇଁ ଭୟଭୀତ ହେବା ।

ଟିପ୍ପଣୀ

- ବଲ୍ ଫୋପାଡିବା, ଦୌଡିବା ବା ଡ଼େଇଁ ନ ପାରିବା ।
- ଖୁବ୍ ଶୀଘ୍ର କାର୍ଯ୍ୟରୁ ଆଗ୍ରହ ଶୀଥିଳ ହେବ ।

### ୮.୩.୧. ବାଧକତାର ଚିହ୍ନଟୀକରଣ

ସମୟାନୁସାରେ ବାଧକତାର ଚିହ୍ନଟୀକରଣ ଏକ ପରବର୍ତ୍ତୀ ନିବାରଣ ଯାହା ବ୍ୟକ୍ତିର କାର୍ଯ୍ୟ କରିବାରେ ବାଧକତାର ପ୍ରଭାବକୁ କମ୍ କରିବା ସହ ଅସାମର୍ଥ ହେବାର ଅବସ୍ଥାରୁ ବାଧକତାକୁ ତଦାରଖ କରେ । ପ୍ରାଥମିକ ସ୍ତରରେ ଯଥାସମ୍ଭବ ଗୃହରେ ପିତାମାତାଙ୍କ ଦ୍ୱାରା  ଏବଂ ବାହାରେ (ଅଙ୍ଗନବାଡି କେନ୍ଦ୍ରରେ / ବିଦ୍ୟାଳୟରେ / ଉତ୍ତମ ଚିକିତ୍ସାଳୟରେ / ଶିବିର ମାଧ୍ୟମରେ) ଏବଂ ଏହାପରେ ଏକ ବିଶେଷଜ୍ଞ ଦଳ ଦ୍ୱାରା ଉଚିତ ପଦକ୍ଷେପ ଗ୍ରହଣ ନିମନ୍ତେ ସେମାନଙ୍କୁ ଆକଳନ କରିବା ଆବଶ୍ୟକ ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକମାନଙ୍କର ବାଧକତା ଥିବା ପିଲାମାନଙ୍କୁ ଚିହ୍ନଟ କରିବା ଏକ ଦାୟିତ୍ୱ ଅଟେ । ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ଚିହ୍ନଟ ପାଇଁ ତନଖୀ ତାଲିକା (ବିଦ୍ୟାଳୟ ଶିକ୍ଷକ ଏବଂ ପିତାମାତା ଏହି ତନଖୀ ତାଲିକାକୁ ବ୍ୟବହାର କରିବା ଉଚିତ୍ ।

| ବାଧକତା | ଲକ୍ଷଣ ସମୂହ | |
|---|---|---|
| ଦୃଷ୍ଟି | *-ଆଖିରୁ ପାଣି ଗଡିବା<br>- ନାଲି ପଡିବା<br>- ବାରମ୍ବାର ପୋଡାଜଳା ହେବା<br>- ବାରମ୍ବାର ପଲକ ପକାଇବା / ଆଖି ମିଟ୍ ମିଟ୍ କରିବା<br>- ଟେରେଇ ଚାହିଁବା<br>- ଅନ୍ୟଲୋକ ସହ ଧକ୍କା ହେବା ବା ଅନୁଚିତ ଭାବରେ ବସ୍ତୁକୁ ଝୁଣ୍ଟିବା ।<br>- ମୁଣ୍ଡକୁ ସ୍ଥିର କରିବା ବା ଗୋଟିଏ ଆଖିକୁ ବନ୍ଦ କରିବା<br>- ଏକ ମିଟର ଦୂରରେ ଥିବା ହାତ ଆଙ୍ଗୁଳିକୁ ଗଣିବାରେ ଅସୁବିଧା ହେବା ।<br>- ପଢ଼ିବା ସମୟରେ ଏକ ପାର୍ଶ୍ୱରୁ ଅନ୍ୟପାର୍ଶ୍ୱକୁ ମୁଣ୍ଡକୁ ଗତିଶୀଳ କରିବା ।<br>- ଦୂର ବସ୍ତୁକୁ ଚିହ୍ନିବାରେ ଅସୁବିଧା ହେବା ।<br>- ସଂପୂର୍ଣ୍ଣ ଦୃଷ୍ଟି ଆବଶ୍ୟକ କରୁଥିବା ନିଖୁଣ କାର୍ଯ୍ୟ କରିବାରେ ଅସୁବିଧା ।<br>- ଆଖିର ବହୁଦୂରରେ ବା ପାଖରେ ବହି ଧରିବା । | ଯଦି କୌଣସି ୪ଟି ଲକ୍ଷଣ ଥିବା ପରିଲକ୍ଷିତ ହୁଏ, ତେବେ ପିଲାଟିର ନିଶ୍ଚିତ ଭାବେ ବରିଷ୍ଟ ଚକ୍ଷୁ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଯାଇ, ଏପରି ଅବସ୍ଥାର ଡ଼ାକ୍ତରୀ ଚିକିତ୍ସା ଦ୍ୱାରା ଅଥବା ଚଷମାର ବ୍ୟବହାର କରାଯାଇ ପାରିବ କି ନାହିଁ ନିଶ୍ଚିତ କରାଯିବ । |

- କଳାପଟାରୁ ଦେଖି ଲେଖିବା ବେଳେ
ଅନ୍ୟ ପିଲାଙ୍କୁ ବାରମ୍ବାର ପଚାରିବା ।
-କଳାପଟାରୁ ପଢିବାରେ ଅସୁବିଧା ପରିଲକ୍ଷିତ
ହେବା ।
-ପାଖରେ ଥିବା ବସ୍ତୁକୁ ଆଘାତ ଦେବା

ଶ୍ରବଣ

- କାନର କୁରଚନା/କୁଗଠନ
- କାନରୁ ପୂଜ ନିର୍ଗତ ହେବା
- କାନରେ ଯନ୍ତ୍ରଣା ହେବା
- କାନରେ ଜ୍ୱଳନ
- ପାଖରୁ ଠିକ୍ ଭାବେ ଶୁଣିବାକୁ ଚେଷ୍ଟା କରିବା
- କିଛି ଆଦେଶକୁ ବାରମ୍ବାର ପଚାରିବା
- ଠିକ୍ ଭାବରେ ଲେଖିନପାରିବା
-୍ ବକ୍ତାଙ୍କୁ ଶୁଣିବା ପରିବର୍ତ୍ତେ ପ୍ରତିଧ୍ୱନିକୁ
ଶୁଣିବା ପାଇଁ ପ୍ରଚେଷ୍ଟା କରିବା ।

- କଳାପଟାରୁ ଲେଖିଲାବେଳେ ଭୁଲ୍ କରିବା
ବାରମ୍ବାର
- ସାଙ୍ଗଙ୍କୁ ଖାତା ଦେଖେଇବାକୁ କହିବା ।
-ଶ୍ରେଣୀରେ ଧ୍ୟାନ ଦେବାରେ ଅସୁବିଧା ହେବା ।
- ଶୁଣିବା ପାଇଁ ଗୋଟିଏ କାନକୁ ପ୍ରାଧାନ୍ୟ ଦେବା ।
- ପଛରୁ କେହି କହିଲେ ଶୁଣି ନ ପାରିବା ।
- ପିଲାଟି ବହୁତ ଜୋରରେ ବା ନରମ /କୋମଳ
ଭାବରେ କହିବା ।
- ସ୍ୱର ଓ ଉଚ୍ଚାରଣରେ ଅସୁବିଧା ପରିଲକ୍ଷିତ ହେବା
- ଟିଭି ଓ ରେଡ଼ିଓ ରେ ଧ୍ୱନି ବହୁତ ଜୋରରେ ଦେଇ ଶୁଣିବା ।
- ଅସଂଗତ / ଅପ୍ରାସଙ୍ଗିକ ଉତ୍ତର ଦେବା ।
- ସମବୟସ୍କ ପିଲାଙ୍କ ଠାରୁ ଦୂରେଇ ରହିବା ।
- ଅନ୍ୟ କକ୍ଷରୁ କେହି ଡ଼ାକିଲେ ଶୁଣି ନପାରିବା
- ବାରମ୍ୱର କହିବା ପରେ ଶୁଣିବା ।

କଥନ

-କଥାରେ ଅନୁପଯୁକ୍ତ ଧ୍ୱନି ।
- ଖନେଇବା
- ଛୋଟ ପିଲା ଭଳି କହିବା ।

ଟିପ୍ପଣୀ

| | | |
|---|---|---|
| | - ଠିକ୍ ଧ୍ୱନି ଶିଖିବାରେ ଅସମର୍ଥ ଏବଂ ଅନୁପଯୁକ୍ତ ବଚନର ବ୍ୟବହାର ।<br>- ଅବୋଧ୍ୟଗମ ବଚନ | ଯଦି କୌଣସି ଶ୍ରବଣ ପାଖରେ ରହିବ ୩ ରୁ ୪ର୍ଥ ଲକ୍ଷଣ ପରିଲକ୍ଷିତ ହୁଏ ଏହା କେତେକାଂଶରେ ଶ୍ରବଣ ଓ ବାକ୍ ଶକ୍ତିହୀନତାକୁ ବୁଝାଏ । ଏଣୁ ପିଲାଙ୍କୁ ଯତ୍ନର ସହ ବରିଷ୍ଠ ENT (ଇ.ଏନ୍.ଟି) ବିଶେଷଜ୍ଞ, ଶ୍ରବଣ ବିଶେଷଜ୍ଞ, ବାକ୍ ଚିକିତ୍ସିକଙ୍କ ଦ୍ୱାରା ପରୀକ୍ଷା କରାଯାଇ ପୂର୍ଣ୍ଣ ମୂଲ୍ୟାୟନ କରାଯିବ । ଯଦି ଶିଶୁ ୪-୫ ବର୍ଷରୁ କମ୍ ହୋଇଥାଏ ଜଣେ ମନସ୍ତତ୍ତ୍ୱବିତ୍ତଙ୍କ ସହ ମଧ୍ୟ ପରାମର୍ଶକରାଯାଇ ସୁସ୍ପଷ୍ଟ ଭାବରେ ପ୍ରକାଶିତ ହୋଇପାରୁ ନଥିବା ସଂଶ୍ଳିଷ୍ଟ ମାନସିକ ସମସ୍ୟାର ଚିହ୍ନଟୀକରଣ ସହ ଦୂରୀକରଣ କରାଯିବ । |
| ଚଳନବାଧିତ | - ବେକ, ହାତ,ଗୋଡ଼ ଏବଂ ଅଣ୍ଟାରେ ବିକଳାଙ୍ଗତା<br>- ବସିବା, ଠିଆ ହେବା ଏବଂ ଚାଲିବାରେ ଅସୁବିଧା<br>- କୌଣସି ବସ୍ତୁକୁ ଚଟାଣରେ ରଖିବା,ଧରିବା ଉଠେଇବାରେ ଅସୁବିଧା ।<br>- ଶରୀରର କୌଣସି ଅଙ୍ଗ ଚାଳନାରେ ଅସୁବିଧା<br>- କଲମ ଧରିବାରେ ଅସୁବିଧା<br>- ଚାଲିବା ପାଇଁ ବାଡ଼ିର ବ୍ୟବହାର କରିବା<br>- ଚାଲିବା ସମୟରେ ହଠାତ୍ ଝୁଣ୍ଟିବା<br>- ଶରୀରରେ ସମ୍ପନ୍ୱୟର ଅଭାବ<br>- ମୁର୍ଚ୍ଛରୋଗ ହେତୁ ଧରିବା / କମ୍ପନ<br>- ଗଣ୍ଠି ଯନ୍ତ୍ରଣା<br>- ଶରୀରର କୌଣସି ଅଙ୍ଗଚ୍ଛେଦ ହେବା । | |
| ବୌଦ୍ଧିକ ବାଧିତ (ମାନସିକ ଅନଗ୍ରସର) | - ୧୨ ରୁ ୧୫ ମାସ ପରେ ଯଦି ଶିଶୁଟି ବିନା ସାହାଯ୍ୟରେ ବସି ନ ପାରିବା ।<br>- ଏପରିକି ୨.୫ ବର୍ଷ ବୟସ ପରେ ମଧ୍ୟ ଚାଲି ନ ପାରିବା<br>-୨.୫ ବର୍ଷ ବୟସ ପରେ ମଧ୍ୟ କହି ନ ପାରିବ ।<br>-ଯଦି ପିଲାଟି ୬ ବର୍ଷ ପରେ ମଧ୍ୟ ନିମ୍ନୋକ୍ତ କାର୍ଯ୍ୟଗୁଡ଼ିକୁ ସ୍ୱାଧୀନ ଭାବରେ ନ କରିପାରେ ।<br>* ଖାଇବା<br>* ପରିଧାନ କରିବା<br>* ଶୌଚାଳୟ କାର୍ଯ୍ୟ<br>-କଲମ ଧରିବା ଓ କଇଁଚି ବ୍ୟବହାରରେ ଅସୁବିଧା ହେବା ।<br>-ସାଙ୍ଗସାଥୀମାନଙ୍କ ଗିଲି ଦଣ୍ଡା ବା ବଲ୍ ଖେଳି ନ ପାରିବା ।<br>-ସାଙ୍ଗସାଥୀମାନଙ୍କ ସହ ଖେଳିବା ସମୟରେ ଖରାପ | |

ଟିପ୍ପଣୀ

ମିଜାଜ୍ ଦେଖାଇବା ।
-କଥିତ ବକ୍ତବ୍ୟ ବା ଅଭିଭାଷଣରେ ପ୍ରାୟତଃ ଅମନେଯୋଗୀ ହେବ ।
-ସାଧାରଣ ବିଷୟ ମନେ ରଖିବା ପାଇଁ ବହୁବାର ଦୋହରାଇବା ଆବଶ୍ୟକ କରିବା ।
-ପାଞ୍ଚଟି ଫଳ, ଫୁଲ ଓ ପରିବାର ନାମ କହିବାରେ ଅସୁବିଧା
-ସାପ୍ତାହିକ ବାରର ନାମ କହିବାରେ ଅସୁବିଧା
-ସାଙ୍ଗସାଥୀଙ୍କ ପରି ଆବଶ୍ୟକତାକୁ ସ୍ପଷ୍ଟ ଭାଷାରେ ବର୍ଣ୍ଣନା କରିବାରେ ଅସୁବିଧା ପରିଲକ୍ଷିତ ହେବା ।
-ଅଳ୍ପ ସମୟ ପାଇଁ ମଧ୍ୟ କାର୍ଯ୍ୟରେ ଧ୍ୟାନ ନ ଦେଇ ପାରିବା ।
- ଅନୁପଯୁକ୍ତ ମୌଖିକ ଉତ୍ତର
-ନୂଆ ଜିନିଷ ଶିଖିବାରେ ଅସୁବିଧା
-ବିଦ୍ୟାଳୟ ଶ୍ରେଣୀରେ ପଢାଯାଇଥିବା ପାଠକୁ ବୋଧଗମ୍ୟ କରିବାରେ ଦୁର୍ବଳ ହେବା ।
- ଅବଧାରଣାରେ ଅସୁବିଧା
-ନୂତନ ଜିନିଷ ଶିକ୍ଷଣରେ ଅସୁବିଧା
-ସମବୟସ୍କ ପିଲାଙ୍କ ସହ ନ ମିଶିବା
-ଶିକ୍ଷଣ ଓ ଅଭ୍ୟାସ ପାଇଁ ନିଜ ସମବୟସ୍କ ପିଲାଙ୍କ ତୁଳନାରେ ଅଧିକ ପ୍ରଚେଷ୍ଟା ଆବଶ୍ୟକ କରିବା ।
କୌଣସି କାର୍ଯ୍ୟ କରିବା ପାଇଁ ଯୁକ୍ତିହୀନ ସମୟ ନେବା ।
-ଦୁର୍ବଳ ଶିକ୍ଷଣ ଉପଲବ୍ଧି
-ଶିକ୍ଷଣ ପାଇଁ ଦୃଶ୍ୟ ସହାୟକ ସୂଚନା ବା ସାମଗ୍ରୀ ଉପରେ ଅନୁଚିତ୍ ନିର୍ଭୟ କରିବା ।

ଶିକ୍ଷଣ ବାଧକତା
-ଗଣିବାରେ ଅସୁବିଧା
-ଧ୍ୟାନକେନ୍ଦ୍ରିତ ନହେବା, ଘରେ ବା ବିଦ୍ୟାଳୟରେ ଖୁବ୍ ଶୀଘ୍ର ଚତୁଃପାର୍ଶ୍ୱର ପରିସ୍ଥିତି ଦ୍ୱାରା ଧ୍ୟାନ ବିଚ୍ୟୁତ ହେବା ।
-ଶ୍ରେଣୀରେ ନିରବ ଭାବରେ ବସିବାରେ ଅସୁବିଧା
- କହିବା ଶବ୍ଦ ଗୁଡ଼ିକୁ ସଠିକ୍ ଭାବରେ ଲେଖି

ଯଦି କୌଣସି ପିଲାପାଖରେ ଏକରୁ ଅଧିକ ପରିସ୍ଥିତି ଉପସ୍ଥିତ ଥାଏ, ସେହି ପିଲାକୁ ବରିଷ୍ଠଅସ୍ଥିସଲ୍ୟ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଯିବ ଏବଂ ଆବଶ୍ୟକ ସ୍ଥଳେ ଭୌତିକ ଚିକିତ୍ସକଙ୍କ ନିକଟକୁ ପରାମର୍ଶ ପାଇଁ ପଠାଯିବ ।

ସମଶ୍ରେଣୀ, ସମବୟସ୍କ ସାଙ୍ଗସାଥୀଙ୍କ ତୁଳନାରେ ଯଦି କୌଣସି ପିଲାର ଚାରୋଟି ସୂଚକ ସପକ୍ଷରେ ବା ଧନାତ୍ମକ ଥାଏ ତେବେ ସେହି ପିଲାର ଯୋଗ୍ୟ / ବରିଷ୍ଠ ମନସ୍ତତ୍ତ୍ୱବିତ୍ ବା ଜଣେ ଶିକ୍ଷକ ଯିଏ କି ସ୍ୱତନ୍ତ୍ରଭାବରେ ମାନସିକ ସ୍ତରରେ ଅନଗ୍ରସର ପିଲାଙ୍କ ଯତ୍ନ ନେବା ପାଇଁ ପ୍ରଶିକ୍ଷିତ, ତାଙ୍କ ଦ୍ୱାରା ଆକଳନ କରାଯିବ ।

ଟିପ୍ପଣୀ

ନ ପାରିବା ।

- ଶବ୍ଦରେ ଅନୁଚିତ ସଂଯୋଗ କରିବା ଯେପରି ସ୍କୁଲ ବଦଳରେ ଇସ୍କୁଲ(school-ischool)
- ବାମ ଓ ଡାହାଣ ମଧ୍ୟରେ ସର୍ବଦା ଅସ୍ପଷ୍ଟ ହେବା (ସନ୍ଦେହ ରହିବା) ।
- ମୌଖିକ ନିର୍ଦ୍ଦେଶଗୁଡିକୁ ମନେ ପକାଇବାରେ ଅଯୌକ୍ତିକ ଅସୁବିଧା ହେବା
- ଜିନିଷଗୁଡିକୁ ମନେପରଖିବାରେ ସାଧାରଣ ଅସୁବିଧା
- ପିଲା ଭିତରେ ଅଶାନ୍ତି ଯାହା ସମୟାନୁସାରେ ବିଭିନ୍ନ କାର୍ଯ୍ୟ ସଂପାଦନ କରିବାରେ ବାଧା ସୃଷ୍ଟିକରେ ।
- ପଢ଼ିବାବେଳେ ଅକ୍ଷର ବା ପ୍ରତୀକ ବାରମ୍ବାର ଓଲଟା କରେ । ଉଦାହରଣ ସ୍ୱରୂପ b କୁ d ଓ saw କୁ was ଇତ୍ୟାଦି ।
- ପଢିବା ବେଳେ ବାରମ୍ବାର ସଂଖ୍ୟାଗୁଡିକୁ ଓଲଟାଇ ପଢେ, ଉଦାହରଣ ୩୧କୁ ୧୩ , ୬ କୁ ୯
- ପଢ଼ିବାବେଳେ ବହୁତ ଭୁଲ୍ କରେ ଯେପରିକି ଛାଡିଦେବା / ପୁନଃ ପଢ଼ିବା / ଭର୍ତ୍ତିକରିବା / ବଦଳେଇବା ଶବ୍ଦ ଛାଡ଼ିଯିବା ।
- ଗାଣିତିକ ସମାଧାନରେ ଦୁର୍ବଳତା
- ବହି ଓ କଳାପଟାରୁ ସଠିକ୍ ଭାବରେ ନକଲ କରି ଲେଖିବାରେ ଅସୁବିଧା, ଯଦିଓ ସାଧାରଣ ଦୃଷ୍ଟିଶକ୍ତି ଥାଏ ।
- ଅକ୍ଷର ଗୁଡ଼ିକୁ ବହୁତ ପାଖାପାଖି ବା ବହୁତ ଦୂରେଇକି ଲେଖିବା ।

ପିଲାଟି ବୁଝିପାରେ କିନ୍ତୁ ସଠିକ୍ ଉତ୍ତର ଦେବାରେ ସକ୍ଷମ ହୋଇପାରେନାହିଁ ।

ଯଦି କୌଣସି ପିଲାପାଖରେ ୩ ରୁ ୫ ଟି ଲକ୍ଷଣ ଦେଖାଯାଏ, ତେବେ ସେହି ପିଲାକୁ ବରିଷ୍ଠ ମନସ୍ତତ୍ତ୍ୱବିତ୍‌ଙ୍କ ଦ୍ୱାରା ପରୀକ୍ଷା କରିବା ସହ ପ୍ରାଥମିକ ଯାଞ୍ଚ ଓ ଅତିରିକ୍ତ ପରାମର୍ଶ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ପାଖକୁ ପଠାଯିବ । ବୌଦ୍ଧିକ ବାଧକତା ଥିବା ପିଲାମାନଙ୍କର ଗୋଟିଏ ମୁଖ୍ୟ ଲକ୍ଷଣ ହେଲା ସେମାନଙ୍କର ମୌଖିକ ଦକ୍ଷତା, ଲିଖନ ଦକ୍ଷତାଠାରୁ ଖୁବ୍ ଭଲ ହୋଇଥାଏ । ତେଣୁ, ସେମାନଙ୍କୁ ଯଥାରୀତି ପରୀକ୍ଷା କରାଯିବ ।

### ୮.୩.୨. ଆକଳନ

ଅନେକ ସମୟରେ ଶୀଘ୍ର ଚିହ୍ନଟୀକରଣ ଓ ପଦକ୍ଷେପ ଗ୍ରହଣ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ତରୁଣ ପିଲାମାନଙ୍କ ପାଇଁ ବିଦ୍ୟାଳୟରେ ଉତ୍ତମ ସମଯୋଜନ ଓ ଅଗ୍ରଗତିରେ ସହାୟକ ହୋଇଥାଏ । ଆକଳନ ପିଲାର ବ୍ୟକ୍ତିଗତ ଆବଶ୍ୟକତାକୁ ନିର୍ଦ୍ଧାରଣ କରିବାପରେ ସାହାଯ୍ୟ କରେ । କେତେକ ପିଲା, ଏକ ନିର୍ଦ୍ଦିଷ୍ଟ ସମୟରେ ଶିକ୍ଷଣ ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି ଏବଂ ସ୍ୱଳ୍ପକାଳୀନ ସାହାଯ୍ୟ ଆବଶ୍ୟକ କରନ୍ତି । ତଥାପି, କେତେକ

ସ୍ୱତନ୍ତ୍ର ଆବଶ୍ୟକତା ଜୀବନବ୍ୟାପୀ ଆବଶ୍ୟକତା ହୋଇଥାଏ । ଶିଶୁର ପରିବେଶ ଓ ବିକଶିତ ସମଯୋଜନ କୌଶଳ ଭିତ୍ତିରେ, ପିଲାର ଆବଶ୍ୟକତା ପରିବର୍ତ୍ତନ ହୋଇପାରେ । ଶିଶୁର ଶିକ୍ଷଣ ଆବଶ୍ୟକତା ବିଭିନ୍ନ ପ୍ରକାରର କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ଏଣୁ ବିଦ୍ୟାଳୟ କର୍ମକର୍ତ୍ତା ନିୟମିତ ଭାବରେ ଏହିସବୁ କାରକ ଗୁଡ଼ିକୁ ଚିହ୍ନଟ କରି ସେ ବିଷୟରେ ସବିଶେଷ ଆଲୋଚନା କରିବେ ଏବଂ ଆବଶ୍ୟକ ସ୍ଥଳେ ଶିଶୁର କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ବା ନିୟନ୍ତ୍ରଣ କରିବେ ।

ଅଭିଭାବକ ପିଲାକୁ ସମ୍ବଳ ଶିକ୍ଷକ ଅଥବା ଚିକିତ୍ସକଙ୍କ ପାଖକୁ ପ୍ରେରଣ ପାଇଁ ସ୍ୱୀକୃତି ଦେବା ପରେ, ଆକଳନ ପାଇଁ ଏକ ଯୋଜନା ବିକଶିତ କରିବେ । ପିତାମାତାମାନେ ବିଭିନ୍ନ ଉପାୟରେ ଆକଳନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ହୋଇପାରିବେ ।

-ଆକଳନ କିପରି ହୋଇଥାଏ ?

ଆକଳନ ପ୍ରକ୍ରିୟା ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଏ ।

୧. ପିଲାଟି କିଏ ? - ଆଗ୍ରହ, ରୁଚି, ଅରୁଚି, ଦକ୍ଷତା ଏବଂ ଅନ୍ୟାନ୍ୟ ସାମର୍ଥ୍ୟ ସହିତ ।

୨. ପିଲାର ସ୍ୱତନ୍ତ୍ର ଆବଶ୍ୟକତାଗୁଡିକ କ'ଣ ? ପିଲା କାହିଁକି ସ୍ୱତନ୍ତ୍ର ଶିକ୍ଷା ଗ୍ରହଣ କରୁଛି ?

୩. ପିଲାର ପରିବାର ଓ ସହାୟତାର ପରିସର କିଏ ? - ଆଶା, ସ୍ୱପ୍ନ, ଆବଶ୍ୟକତା ଏବଂ ବିଚାରଗୁଡିକ ସହିତ ।

୪.ଶିକ୍ଷାର୍ଥୀର କାର୍ଯ୍ୟସୂଚୀ ଓ ପ୍ରତିଦିନ କାର୍ଯ୍ୟଗୁଡିକ କ'ଣ ?

୫.ପିଲାର କାର୍ଯ୍ୟସୂଚୀ ଓ ପ୍ରତିଦିନର କାର୍ଯ୍ୟକୁ ଅନୁସରଣ କଲେ, ପିଲାକୁ ସଫଳ ହେବା ପାଇଁ କ'ଣ ସାହାଯ୍ୟ କରିବ ? ତତ୍ ସହିତ ଅର୍ନ୍ତଭୁକ୍ତ

- କହିବା ଓ ଯୋଗାଯୋଗ କରିବା
- ଗତିଶୀଳ ଓ ଚାରିଆଡ଼େ ଯିବା
- ଖେଳିବା ଓ ସାମାଜିକୀକରଣ
- ଶିଖିବା ଓ ମନେରଖିବା
- ପସନ୍ଦ ଓ ନିୟନ୍ତ୍ରଣ କରିବା
- ସାଙ୍ଗସାଥୀଙ୍କ ସହ ଅଂଶଗ୍ରହଣ କରିବା
- ସ୍ୱାଧୀନତାର ଅଭିବୃଦ୍ଧି ହେବା
- ଅନ୍ୟକୁ ସାହାଯ୍ୟ କରିବା

୬- ସହାୟତା ପ୍ରଦାନକାରୀ ପ୍ରଯୁକ୍ତି ବିଦ୍ୟା ପାଇଁ ବ୍ୟକ୍ତିଗତ ଶୈକ୍ଷିକ ଯୋଜନା (IEP) ର କେଉଁ ସବୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଆମେମାନେ ଦୃଷ୍ଟିପାତ କରିବା । ?

( ୨ ଓ ୩ କୁ ପ୍ରାଧାନ୍ୟ ଦେବା) ଏହା ସହିତ

- ଭାଷା ଓ ଯୋଗାଯୋଗ
- ଖେଳ ଓ ସାମାଜିକୀକରଣ
- ପୋଷଣ
- ଗତିଶୀଳତା ଓ ସ୍ଥାନ ନିର୍ଦ୍ଧାରଣ
- ପ୍ରସ୍ତୁତି ଦକ୍ଷତା
- ସ୍ୱ ସହୟତା

ଟିପ୍ପଣୀ

- ଦୈନିକ ଜୀବନଚର୍ଯ୍ୟା ପାଇଁ କାର୍ଯ୍ୟ
- ବ୍ୟବହାର
- ବନ୍ଧୁ ପରିସର

ପିଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଅନେକ ବିଶେଷଜ୍ଞ ଯଥା- ସମ୍ବଳ ଶିକ୍ଷକ, ନିଦାନ ଚିକିତ୍ସିକ, ବାକ୍ ଓ ଭାଷା ନିଦାନବିତ୍ ମନସ୍ତତ୍ତ୍ୱବିତ୍, ବୃତ୍ତିଧାରୀ ଚିକିତ୍ସିକ ଓ ଅନ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ବିଭିନ୍ନ ପେଶାଦାରମାନେ ପିଲାର ବିକାଶର ବିଭିନ୍ନ ଦିଗକୁ ଆକଳନ କରିବା ପାଇଁ ଯୋଗ୍ୟ ଅଟନ୍ତି, ଉଦାହରଣ ସ୍ୱରୂପ ଜଣେ ମନସ୍ତତ୍ତ୍ୱବିତ୍ ପିଲାର ବୌଦ୍ଧିକ ଦକ୍ଷତା ଓ ସମ୍ଭାବ୍ୟତାକୁ ଆକଳନ କରିଥାନ୍ତି । ଜଣେ ଶ୍ରେଣୀ ଶିକ୍ଷକ ବା ସମ୍ବଳ ଶିକ୍ଷକ ପିଲାର ଶିକ୍ଷଣ ଦକ୍ଷତାକୁ ଆକଳନ କରିଥାନ୍ତି । ଶିକ୍ଷକ ପ୍ରାଥମିକ ସ୍ତରରେ ଆକଳନ ପାଇଁ ପ୍ରଶ୍ନାବଳୀର ବ୍ୟବହାର କରିପାରିବେ । (ପରିଶିଷ୍ଟରେ ପ୍ରଦତ୍ତ)

ପିଲା ପାଇଁ ଆକଳନନ ଯୋଜନା ପ୍ରସ୍ତୁତ କରିବା ପରେ ଏବଂ ଯେତେବେଳେ ପିଲାର ସମସ୍ତ ଆକଳନର ଫଳାଫଳ ପ୍ରସ୍ତୁତ ହୋଇଥାଏ, ବିଦ୍ୟାଳୟ ପିଲାର ପିତାମାତାଙ୍କ ସହ ଯୋଗାଯୋଗ କରି ଆକଳନରେ ଅଂଶଗ୍ରହଣ କରିଥିବା କର୍ମଚାରୀଙ୍କ ସହ ଏକ ସଭାର ଆୟୋଜନ କରିବେ ଯେଉଁଠାରେ ଫଳାଫଳ ଓ ସୁପାରିଶ ବିଷୟ ଆଲୋଚନା ହେବ ଏବଂ ପିତାମାତାଙ୍କୁ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣ ପାଇଁ ସାମିଲ କରାଯିବ । ଏକ ଲିଖିତ ବିବରଣୀ ପିତାମାତା, ଶିକ୍ଷକ ଏବଂ ପିଲାସହ ଜଡ଼ିତ ଥିବା ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯିବ ।

**୮.୩.୩. ପ୍ରାରମ୍ଭିକ ପଦକ୍ଷେପ**

ପ୍ରାରମ୍ଭିକ ପଦକ୍ଷେପର ଅର୍ଥ ସେବା ଯାହା ସ୍ୱତନ୍ତ୍ର ଆବଶ୍ୟକତା ଥିବା ତରୁଣ ପିଲାଙ୍କୁ ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପରିସ୍ଥିତିର ପ୍ରଭାବକୁ ହ୍ରାସ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଏ । କଥନ ଶାରୀରିକ ବା ବୃତ୍ତି ଭିତ୍ତିକ ଚିକିତ୍ସା ସେବାର ଅର୍ନ୍ତଭୁକ୍ତ ଅଟେ ଏବଂ ଏହା ଘରେ ଓ ଅଫିସ୍‌ରେ ଦିଆଯାଇପାରିବ ।

ଏହି ପ୍ରାରମ୍ଭିକ ସେବା ପ୍ରଦାନ ବିକାଶର ମନ୍ଥରତା ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଏ । ଯଦ୍ୱାରା ପରେ ପିଲାକୁ ଚିକିତ୍ସାର ଆବଶ୍ୟକତା ରହିବ ନାହିଁ । ଯଦି ପିଲା ବିଦ୍ୟାଳୟ ଯିବା ବୟସ୍କ ହୋଇଥାଏ ଏବଂ ତଥାପି ଚିକିତ୍ସା ଆବଶ୍ୟକ କରେ, ତେବେ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଆବଶ୍ୟକତା ସେବା ଯୋଗାଇ ଦେବା ପାଇଁ ପ୍ରତିକାରକ ବିଦ୍ୟାଳୟମାନ ରହିଛି ।

ଏପରି ଅନେକ ବିଦ୍ୟାଳୟରେ ପିଲାର ଦୈନିକ ଚିକିତ୍ସା କାର୍ଯ୍ୟଗୁଡିକୁ ପ୍ରତିକାର ପାଠ୍ୟକ୍ରମର ଅଂଶ ରୂପେ କାର୍ଯ୍ୟକାରୀ କରାଯାଉଛି ।

**- କାହିଁକି ପ୍ରାରମ୍ଭିକ ପଦକ୍ଷେପ ଏତେ ଗୁରୁତ୍ୱପୂର୍ଣ୍ଣ ?**

ପ୍ରାରମ୍ଭିକ ପଦକ୍ଷେପ ଏତେ ଗୁରୁତ୍ୱପୂର୍ଣ୍ଣ କାହିଁକି ଏହାର ତିନୋଟି ମୁଖ୍ୟ କାରଣ ରହିଛି ଏବଂ ଯଥାସମ୍ଭବ ଆରମ୍ଭ ହେବାର ଆବଶ୍ୟକତା ଅଛି ।

ଏହି ପିଲାର ବିକାଶକୁ ପ୍ରୋତ୍ସାହନ ଦେବାରେ ସାହାଯ୍ୟ କରେ । ଏହା ଏକ ସହାୟତା ପ୍ରଦାନକାରୀ ପ୍ରକ୍ରିୟା ଯାହା କେବଳ ପିଲାଙ୍କ ପାଇଁ ନୁହେଁ ବରଂ ପରିବାର ପାଇଁ ମଧ୍ୟ ଉଦ୍ଦିଷ୍ଟ ଅଟେ ଏବଂ ପରିଶେଷରେ ଏହା ପିଲାକୁ ସମାଜର ଏକ କାର୍ଯ୍ୟକ୍ଷମ ବ୍ୟକ୍ତି ହେବା ପାଇଁ ସାମର୍ଥ୍ୟ ପ୍ରଦାନ କରେ ।

ନିମ୍ନଲିଖିତ ଦଳଗତ କାର୍ଯ୍ୟଗୁଡ଼ିକ ପଦକ୍ଷେପ ପ୍ରକ୍ରିୟାର ଅର୍ନ୍ତଭୁକ୍ତ ଅଟେ ।

- ପଦକ୍ଷେପ ଗ୍ରହଣ ପାଇଁ ଯୋଜନାର ପରିକଳ୍ପନା କରିବା ।
- ଅଭିବାବକଙ୍କ ସହ ପରାମର୍ଶ ଓ ଭାଗୀଦାରିତା
- ଉପଯୁକ୍ତ ମାଧ୍ୟମ ସୃଷ୍ଟି / ନିରୂପଣ କରିବା

ଟିପ୍ପଣୀ

- ଉପଯୁକ୍ତ ସାମଗ୍ରୀ (ଉଭୟ ବ୍ୟବସାୟିକ ଏବଂ ସ୍ଥାନୀୟ ବିକଶିତ) ସୃଷ୍ଟି / ନିରୂପଣ କରିବା
- ଅନ୍ୟାନ୍ୟ ଉପଯୁକ୍ତ ସହାୟକ ପ୍ରଯୁକ୍ତିର ସୃଷ୍ଟି ଏବଂ ନିରୂପଣ କରିବା (ବଦଳାଇବା ଖେଳନା)
- ଦୈନିକ ଆଧାରରେ ଅତିକମ୍‌ରେ ୪ ସପ୍ତାୟ ପାଇଁ ଯୋଜନା କାର୍ଯ୍ୟକାରୀ କରିବା ।
- ଶିକ୍ଷାର୍ଥୀର ଶିକ୍ଷଣ ଫଳାଫଳକୁ ମୂଲ୍ୟାୟନ କରିବା ।
- ସହାୟକ ପ୍ରଯୁକ୍ତି ସହାୟତା ପାଇଁ ପରବର୍ତ୍ତୀ ପଦକ୍ଷେପର ପ୍ରସ୍ତାବ ଦେବା ।

ସହାୟତା ବିଦ୍ୟାଳୟ ଭିତ୍ତିକ ବା ଗୃହଭିତ୍ତିକ ହୋଇପାରେ ଯାହା ବିଦ୍ୟାଳୟରେ ପିଲାର ସଫଳତା ଉଦ୍ଦେଶ୍ୟରେ, ସକରାତ୍ମକ ବ୍ୟବହାରିକ ସହାୟତା ପାଇଁ ଏକ ବ୍ୟବସ୍ଥା ସହ ସମନ୍ୱିୟ ହୋଇଥାଏ । ଏହି କାର୍ଯ୍ୟକ୍ରମର ଦୀର୍ଘକାଳୀନ ଫଳାଫଳ, ସାଧନୀ ଓ କୌଶଳର (ଆକଳନ ସାଧନୀ, ପ୍ରାକ ବିଦ୍ୟାଳୟ ପାଠ୍ୟକ୍ରମ) ଏକ ପରିଚ୍ଛଦ, ଅଟେ ଯାହା ବାଧକତା ଥିବା ପିଲାଙ୍କର ବୌଦ୍ଧିକ, ଭାଷାଗତ, ସାମାଜିକ, ଆବେଗିକ ଉନ୍ନତି ପାଇଁ ଫଳପ୍ରଦ ବୋଲି ଲିପିବଦ୍ଧ ହୋଇଛି । ପିଲା ବା ପ୍ରାକ୍ କିଣ୍ଡରଗାର୍ଟେନରୁ କିଣ୍ଡରଗାର୍ଟେନ ପର୍ଯ୍ୟନ୍ତ ଉଚ୍ଚଉର ସ୍ତରର ବିପଦ ଥିବା ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତା ଥିବ ।

ବାଧକତା ଓ ପଦକ୍ଷେପ / ସହାୟତା ଭିତ୍ତିରେ ପ୍ରତ୍ୟେକ ପିଲାପାଇଁ ଶିକ୍ଷଣ ଆବଶ୍ୟକତା ଭିନ୍ନ ଅଟେ । ବ୍ୟକ୍ତିଗତ ଶିକ୍ଷଣ ଯୋଜନା ବ୍ୟବହାର କରାଯାଇପାରିବ । ଏହି କାର୍ଯ୍ୟଗୁଡିକ ସରଳରୁ ଜଟିଳ ହେବା ଆବଶ୍ୟକ । ପ୍ରତ୍ୟେକ ପିଲା ପାଇଁ ପାଠ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବାରେ ଶିକ୍ଷକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ପିଲାର ଆବଶ୍ୟକତକା ଦୃଷ୍ଟିରୁ ପର୍ଯ୍ୟବେକ୍ଷଣ ଏକମାତ୍ର ମାଧମ ଯାହା ଦ୍ୱାରା ଏକ ଉପଯୁକ୍ତ ପାଠ୍ୟକ୍ରମର ଯୋଜନା ସେ କରିପାରିବେ ।

## ୮.୪ ବାଧକତା ଅଧିନିୟମ ଓ ନୀତି ସମୂହ :

ବହୁ ବର୍ଷ ଧରି ବାଧକତା କ୍ଷେତ୍ରରେ ଆଇନ୍ ପ୍ରଣୟନର ଅନୁଭୂତି, ମିଳିତ ଜାତିସଂଘର ବାଧକତା ବ୍ୟକ୍ତି ଅଧିକାର ସମ୍ମେଳନ ପ୍ରତିଶ୍ରୁତି ବଦ୍ଧତା ଅନୁଯାୟୀ ବ୍ୟକ୍ତି ବାଧକତା ଅଧିନିୟମ ୧୯୯୫ ପରିବର୍ତ୍ତେ ଏକ ନୂଆ ଆଇନ୍ ପ୍ରଚଳନ ପାଇଁ ବ୍ୟବସ୍ଥା କରାଯାଉଅଛି ।

ଏହି ଏକକରେ ଆମେ ବର୍ତ୍ତମାନର ଅଧିନିୟମ ଓ ନୀତି ବିଷୟରେ ଆଲୋଚନା କରିବା ।

**ବାଧକତା ଥିବା ବ୍ୟକ୍ତିମାନଙ୍କର ଅଧିକାର ଗୁଡିକ କ'ଣ ?**

ସମାଜର ସମସ୍ତ ବ୍ୟକ୍ତିଙ୍କର ସମାନ ଅଧିକାର ରହିଛି ଯଥା ସାମାଜିକ , ନାଗରିକ, ସାଂସ୍କୃତିକ , ରାଜନୈତିକ ଅଧିକାର, ଆର୍ଥୀକ ଇତ୍ୟାଦି । ଏହି ଅଧିକାର ଗୁଡ଼ିକର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା ।

- କୌଣସି ପକ୍ଷପାତିତା ବିନା ଆଇନ୍ ଦୃଷ୍ଟିରେ ସମସ୍ତେ ସମାନ
- ବ୍ୟକ୍ତିର ବଞ୍ଚିବାର ଅଧିକାର , ସ୍ୱତନ୍ତ୍ରତା ଓ ସୁରକ୍ଷା ଅଧିକାର
- ଆଇନ୍ ଦୃଷ୍ଟିରେ ସମାନ ମାନ୍ୟତା ଏବଂ ନ୍ୟାୟିକ କ୍ଷମତା
- ନିର୍ଯ୍ୟାତନାରୁ ସ୍ୱାଧୀନତା
- ହିଂସା , ଶୋଷଣ ଓ ଅପବ୍ୟବହାରରୁ ସ୍ୱାଧୀନତା
- ଶାରିରୀକ ଓ ମାନସିକ ଅଖଣ୍ଡତାକୁ ସମ୍ମାନ ଦେବାର ଅଧିକାର
- ଚଳପ୍ରଚଳ ଓ ଜାତୀୟତାର ସ୍ୱାଧିନତା
- ଗୋଷ୍ଠୀରେ ବାସ କରିବାର ଅଧିକାର
- ଅଭିବ୍ୟକ୍ତି ଓ ମତାମତ ପ୍ରକାଶ କରିବାର ସ୍ୱାଧିନତା

ଟିପ୍ପଣୀ

- ଏକାନ୍ତତାକୁ ସମ୍ମାନ
- ଗୃହ ଓ ପରିବାରକୁ ସମ୍ମାନ
- ଶିକ୍ଷା ଅଧିକାର
- ସ୍ୱାସ୍ଥ୍ୟ ଅଧିକାର
- କାର୍ଯ୍ୟ କରିବାର ଅଧିକାର
- ଏକ ମାନକ ସହାବସ୍ଥାନ ନିମିତ୍ତ ଅଧିକାର
- ରାଜନୈତିକ ଓ ସର୍ବସାଧାରଣ ଜୀବନରେ ଯୋଗଦେବା ଅଧିକାର
- ସାଂସ୍କୃତିକ କାର୍ଯ୍ୟରେ ଯୋଗଦାନ କରିବାର ଅଧିକାର ।

ସମସ୍ତ ବାଧିତ ବ୍ୟକ୍ତିମାନେ ସେମାନଙ୍କ ଅଧିକାର ଉପଭୋଗ କରିବାରେ ସବୁ ପ୍ରକାରର ବାଛ ବିଚାରରୁ ମୁକ୍ତ ରହିବା ନିମିତ୍ତ ଅଧିକାର ଅଛି । ବାଧକତା ଆଧାରରେ ବାଛ ବିଚାରରୁ ମୁକ୍ତ ରହିବା ଅଧିକାର ଏଥିରେ ଅନ୍ତର୍ଭୁକ୍ତ କିନ୍ତୁ ଏଥି ସହିତ ଅନ୍ୟ ପରିପ୍ରେକ୍ଷୀରେ ଯେପରିକି, ଜାତି, ବର୍ଣ୍ଣ , ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ଓ ଅନ୍ୟାନ୍ୟ ମତାମତ, ସାମାଜିକ ଉତ୍ପତ୍ତି,ସମ୍ପତ୍ତି,ଜନ୍ମ ଏବଂ ଅନ୍ୟାନ୍ୟ ଦୃଷ୍ଟିକୋଣ ମଧ୍ୟ ଏହାର ଅର୍ନ୍ତଭୁକ୍ତ ଅଟେ ।

## ୮.୪.୧ ବାଧିତ ବ୍ୟକ୍ତିମାନଙ୍କର ଅଧିକାର ଉପରେ ସମ୍ମେଳନ

ବାଧିତ ବ୍ୟକ୍ତି ଅଧିକାର ସମ୍ମେଳନ ଏକ ଆନ୍ତର୍ଜାତିକ ସନ୍ଧି ଯାହା ବାଧିତ ବ୍ୟକ୍ତିର ଅଧିକାର ଚିହ୍ନଟ କରିବା ସହ ଅଧିକାର ଗୁଡିକର ପ୍ରଚାର ଓ ପ୍ରସାର ସୁରକ୍ଷା ଓ ଅଧିକାରକୁ ସୁନିଶ୍ଚିତ କରିବା ଇତ୍ୟାଦି ସହ ସମ୍ମେଳନ ପ୍ରତି ରାଜ୍ୟ ପକ୍ଷର ଆଇନ ଗତ ବାଧ୍ୟତା ଚିହ୍ନଟ କରିଥାଏ । ଏହି ସମ୍ମେଳନ ଦୁଇଟି କାର୍ଯ୍ୟକାରୀ କୌଶଳକୁ ସ୍ଥାପିତ କରିଥାଏ; ବାଧିତ ବ୍ୟକ୍ତିମାନଙ୍କ ଅଧିକାରର କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ କମିଟି ଗଠନ ଏବଂ କାର୍ଯ୍ୟକାରିତା ସଂପର୍କିତ ବିଷୟବସ୍ତୁର ବିଚାର ନିମିତ୍ତ ରାଜ୍ୟସ୍ତରରେ ସମ୍ମଳନୀ ଆୟୋଜନ ।

ନାଗରିକ ସମାଜ ସଂଗଠନ , ଜାତୀୟ ମାନବ ଅଧିକାର ଅନୁଷ୍ଠାନ ଓ ଆନ୍ତଃ ସରକାରୀ ସଂଗଠନର ଅଂଶଗ୍ରହଣ ସହିତ ରାଜ୍ୟ ସମ୍ମେଳନ ସହ କଥାବାର୍ତ୍ତା କରିଥିଲେ । ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଏହି ସମ୍ମେଳନକୁ ୧୩ ଡ଼ିସେମ୍ବର ୨୦୦୬ରେ ଗ୍ରହଣ କରାଯାଇଥିଲା ଏବଂ ଏହା ୩୦ ମାର୍ଚ୍ଚ ୨୦୦୭ରେ ସ୍ୱୀକୃତି ପାଇଁ ଉପସ୍ଥାପନ କରାଯାଇଥିଲା । ଏହି ଚୁକ୍ତିକୁ ଅନୁମୋଦନ କରୁଥିବା ରାଜ୍ୟ ଆଇନତଃ ଏହି ଚୁକ୍ତିର ମାନଦଣ୍ଡକୁ ସମ୍ମାନ ଜଣାଇବା ପାଇଁ ବାଧ୍ୟ ଅଟନ୍ତି । ଅନ୍ୟାନ୍ୟ ରାଜ୍ୟ ଅନ୍ତର୍ଜାତିକ ମାନଦଣ୍ଡକୁ ସମ୍ମାନ ଜଣାଇବା ପାଇଁ ପ୍ରଚେଷ୍ଟା କରିବେ ।

ବର୍ତ୍ତମାନ ବିଦ୍ୟାମାନ ଅଧିନିୟମ ସଂଶୋଧନ ପ୍ରକ୍ରିୟାର ଅନ୍ତର୍ଭୁକ୍ତ ଅଟେ । ଏହି ଏକକରେ ବ୍ୟବହୃତ ନଥିପତ୍ର ଅଧିନିୟମ ସଂଶୋଧନ ପୂର୍ବର  ଅଟେ ।

ଦକ୍ଷିଣ ଏସିଆର ଅନେକ ରାଷ୍ଟ୍ରରେ ବାଧକତା ଏକ ରାଜ୍ୟବ୍ୟାପାର ଅଟେ, ଏବଂ UNCRPD ର ପ୍ରତିଶ୍ରୁତିବଦ୍ଧତାକୁ କାର୍ଯ୍ୟକାରୀ କରିବା ପ୍ରାଦେଶିକ ସରକାରଙ୍କର ଦାୟିତ୍ୱ ଅଟେ । ଉଦାହରଣ ସ୍ୱରୂପ ଭାରତୀୟ ସମ୍ବିଧାନ ଅନୁଯାୟୀ ଭାରତରେ ଦାୟିତ୍ୱକୁ କେନ୍ଦ୍ର, ରାଜ୍ୟ ଏବଂ ମିଳିତ କେନ୍ଦ୍ର-ରାଜ୍ୟ, ଏହିଭଳି ତିନୋଟି ତାଲିକାରେ ବଣ୍ଟନ କରାଯାଇଛି । କେନ୍ଦ୍ର ତାଲିକାରେ ଥିବା ବିଷୟ ବୈଦେଶିକ ବ୍ୟାପାର କେନ୍ଦ୍ର ସରକାରଙ୍କ ଦାୟିତ୍ୱ ଅଟେ । ଯୁଗ୍ମ ତାଲିକାରେ ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ରହିଛି । ପ୍ରତିରକ୍ଷା, ବାଧକତାକୁ ରାଜ୍ୟ ତାଲିକାରେ ଅର୍ନ୍ତଭୁକ୍ତ କରାଯାଇଛି । ଅର୍ଥାତ୍ ରାଜ୍ୟ ସ୍ତରରେ UNCRPDର କାର୍ଯ୍ୟକାରିତା ସଂପୂର୍ଣ୍ଣ ଭାବରେ ରାଜ୍ୟ ତଥା ପ୍ରାଦେଶିକ ସରକାରଙ୍କ ଦାୟିତ୍ୱ ଅଟେ । ପରବର୍ତ୍ତୀ ତଳ ସ୍ତରରେ ଗ୍ରାମସ୍ତରରେ ବାଧକତା ଥିବା ବ୍ୟକ୍ତି ସଂପର୍କିତ ସମସ୍ୟାଗୁଡ଼ିକୁ ତ୍ୱରାନ୍ୱିତ କରିବା ପଞ୍ଚାୟତରାଜ ଓ ଆଞ୍ଚଳିକ ସରକାରଙ୍କ ଦାୟିତ୍ୱ ଅଟେ ।

ଟିପ୍ପଣୀ

ଯେପରିକି ଆମେ ଜାଣିଛୁ ଭାରତରେ ବାଧକତା ଅଧିନିୟମ କାର୍ଯ୍ୟକାରୀ ଅଧିନିୟମ ଅନୁମୋଦିତ ହୋଇଛି ଏବଂ ଏହା ଉପରୋକ୍ତ ସବୁଗୁଡିକର ଏକ ମିଶ୍ରଣ ଅଟେ । ଏହା ନୀତି, ଯୋଜନା ଓ ଆଇନ ଆଦି ଗୁଡ଼ିକ ବିଷୟରେ ଗୋଟିଏ ମାତ୍ର ଦଲିଲରେ ଆଲୋଚନା କରିଥାଏ ।

**୮.୪.୨. ବାଧିତ ବ୍ୟକ୍ତି ଅଧିନିୟମ ୧୯୯୫**

ଆଇନତଃ ଏହି ଅଧିନିୟମରେ ବାଧକତାର ସଂଜ୍ଞା ପ୍ରଦାନ କରାଯାଇଅଛି ।

- ଦୃଷ୍ଟିହୀନତା - ଆଦୌ ଦୃଷ୍ଟିଶକ୍ତି ନଥିବା
- ସ୍ୱଳ୍ପ ଦୃଷ୍ଟିଶକ୍ତି - ଉପଯୁକ୍ତ ସହଯୋଗୀ ଉପକରଣ ଦ୍ୱାରା କାର୍ଯ୍ୟ ନିର୍ବାହ କରିବାରେ ସକ୍ଷମ ହେଇପାରିଥିବା ବ୍ୟକ୍ତି ।
- କୁଷ୍ଠ ରୋଗୀ - ଆରୋଗ୍ୟ କିନ୍ତୁ ହାତ, ପାଦ, ଚକ୍ଷୁ ଓ ଚକ୍ଷୁ ପଟରେ ଇନ୍ଦ୍ରିୟାନୁଭୂତି ହରାଇଥାନ୍ତି ।
- ଶ୍ରବଣ ବାଧିତ - ବାର୍ତ୍ତାଳାପର ପରିସରରେ ୬୦ ଡ଼େସିବିଲରୁ ବା ତା' ଠାରୁ କମ୍ ତୀବ୍ରତା ବିଶିଷ୍ଟ ।
- ଚଳନ ବାଧିତ - ମାଂସପେଶୀ ଓ ଗଣ୍ଠିଗୋଡ଼ ଅକ୍ଷମତା ହେତୁ ଅଙ୍ଗପ୍ରତ୍ୟଙ୍ଗ ଚାଳନାରେ ବାଧା ଓ ମସ୍ତିଷ୍କ ପକ୍ଷାଘାତ ।
- ମାନସିକ ଅସୁସ୍ଥତା - ମାନସିକ ଅନଗ୍ରସରତା ପରିବର୍ତ୍ତେ ଯେକୌଣସି ପ୍ରକାର ମାନସିକ ରୋଗ ।
- ମାନସିକ ଅନଗ୍ରସରତା - କୌଣସି ବ୍ୟକ୍ତିର ବାଧାପ୍ରାପ୍ତ ଓ ଅସଂପୂର୍ଣ୍ଣ ମସ୍ତିଷ୍କ ବିକାଶ । ବାଧକତା ଥିବା ଏକ ବ୍ୟକ୍ତି, ୪୦%ରୁ କମ୍ ମାତ୍ରାରେ ବାଧକତା ଦ୍ୱାରା ପୀଡ଼ିତ ନୁହେଁ ବୋଲି ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ପ୍ରମାଣିତ ହେବା ଅପରିହାର୍ଯ୍ୟ ଅଟେ ।

ବାଧକତାର ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରତିରୋଧ

ବାଧକତା ଘଟିବାକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଉପଯୁକ୍ତ ସରକାର ଓ ସ୍ଥାନୀୟ ପ୍ରାଧିକାରୀ ସେମାନଙ୍କର ଅର୍ଥନୈତିକ କ୍ଷମତା ଓ ବିକାଶର ସୀମିତତା ମୁତାବକ ନିମ୍ନୋକ୍ତ କାର୍ଯ୍ୟମାନ କରିବେ:-

- ବାଧକତା ଘଟିବାର କାରଣ ସଂପର୍କିତ ସର୍ବେକ୍ଷଣ, ଅନୁସନ୍ଧାନ ଗବେଷଣା ଆଦିକୁ ହାତକୁ ନେବା ।
- ବାଧକତାକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ପ୍ରକାର ପଦ୍ଧତି ଗୁଡ଼ିକୁ ପ୍ରୋତ୍ସାହନ ଦେବା ।
- ବିପଦରେ ଥିବା ଘଟଣାଗୁଡିକର ଚିହ୍ନଟୀକରଣ ପାଇଁ ବର୍ଷକୁ ଅନ୍ତତଃ ପକ୍ଷେ ଥରେ ସମସ୍ତ ପିଲାଙ୍କୁ ପରୀକ୍ଷା କରିବା ।
- ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା କରିବେ ।
- ସାଧାରଣ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସଚେତନତା ଅଭିଯାନର ପ୍ରାୟୋଜିତ କରିବା ବା ସୂଚନା କିମ୍ବା ଏହାର କାରଣଗୁଡିକୁ ପ୍ରଦର୍ଶିତ କରିବା ।
- ଜନ୍ମ ପୂର୍ବରୁ, ଜନ୍ମ ସମୟରେ ଓ ଜନ୍ମପରେ ମାଆ ଓ ପିଲାଙ୍କ ଯତ୍ନ ପାଇଁ ପଦକ୍ଷେପ ଗ୍ରହଣ କରିବା ।
- ଜନସାଧାରଣଙ୍କୁ ପ୍ରାକ୍-ବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗ୍ରାମ ସ୍ତରର କର୍ମୀ ଓ ଅଙ୍ଗନବାଡ଼ି ସହାୟତାରେ ଶିକ୍ଷିତ କରିବା
- ରେଡ଼ିଓ, ଟିଭି, ଅନ୍ୟାନ୍ୟ ମାଧ୍ୟମ ସାହାଯ୍ୟରେ ବାଧକତାର କାରଣ ଓ ନିରାକରଣ / ନିବାରଣ ନିମିତ୍ତ ପଦକ୍ଷେପ ପ୍ରତି ସଚେତନତା ସୃଷ୍ଟି କରିବା

**ଶିକ୍ଷା :**

କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷମାନେ ସମସ୍ତେ ବାଧକତା ଥିବା ପିଲାମାନଙ୍କ ପାଇଁ ୧୮ ବର୍ଷ

ଟିପ୍ପଣୀ

ବୟସ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଓ ମାଗଣା ଶିକ୍ଷା ନିମିତ୍ତ ସୁବିଧାଗୁଡିକୁ ନିଶ୍ଚିତ କରିବେ ।

**କର୍ମ ନିଯୁକ୍ତି :**

ସରକାର ବାଧକତା ଥିବା ପିଲାଙ୍କ ପାଇଁ ପଦବୀ ଚିହ୍ନଟ କରିବେ ଯାହା ସେମାନଙ୍କ ପାଇଁ ସଂରକ୍ଷିତ କରାଯାଇ ପାରିବ । ଏହି ସଂରକ୍ଷଣ ବ୍ୟବସ୍ଥା ୩% ରୁ କମ୍ ହେବ ନାହିଁ, ସେଥିମଧ୍ୟରୁ ୧% ନିମ୍ନଲିଖିତ ପ୍ରତି ପ୍ରକାରର ବାଧକତା ବ୍ୟକ୍ତିଙ୍କ ପାଇଁ ସଂରକ୍ଷିତ ରହିବ ।

୧. ଦୃଷ୍ଟିହୀନ ବା ସ୍ୱଳ୍ପ ଦୃଷ୍ଟିହୀନ ବ୍ୟକ୍ତି

୨. ଶ୍ରବଣ ବାଧିତ

୩. ଚଳନବାଧିତ ବା ମସ୍ତିଷ୍କ ପକ୍ଷାଘାତ

ସ୍ୱୀକାରମୂଳକ ପଦକ୍ଷେପ – ସରକାର ବାଧିତ ବ୍ୟକ୍ତିଙ୍କ ପାଇଁ ସହାୟତା ଉପକରଣ ଯୋଗାଇଦେବା ସହ ରିହାତି ମୂଲ୍ୟରେ ଗୃହ ନିର୍ମାଣ, ବ୍ୟବସାୟ, ସ୍ୱତନ୍ତ୍ର ଚିତ୍ତବିନୋଦନ କେନ୍ଦ୍ର, ସ୍ୱତନ୍ତ୍ର ବିଦ୍ୟାଳୟ, ଗବେଷଣା କେନ୍ଦ୍ର ଏବଂ ବାଧିତ ଉଦ୍ୟୋକ୍ତାଙ୍କ ଦ୍ୱାରା କାରଖାନା ନିମିତ୍ତ ଭୂମି ଯୋଗାଇ ଦେବେ ।

ପକ୍ଷପାତହୀନତା

ବାଧିତ ବ୍ୟକ୍ତିଙ୍କ ସହ ହ୍ୱିଲଚେୟାରରେ ଥିବା ବ୍ୟକ୍ତିଙ୍କୁ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ସରକାରୀ ପରିବହନ ସେମାନଙ୍କ ସୁବିଧା ଓ ସୁଯୋଗରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଗ୍ରହଣ କରିବେ ।

ସରକାରୀ ଓ ସ୍ଥାନୀୟ ପଦାଧିକାରୀମାନେ ମଧ୍ୟ ସେମାନଙ୍କର କ୍ଷମତା ଅନୁସାରେ ନାଲି ଆଲୋକ ସହ ଧ୍ୱନି ବିଶିଷ୍ଟ ସଙ୍କେତ, ଚକଲଗା ଚୌକିରେ ଯାତାୟାତ ପାଇଁ ବ୍ୟବସ୍ଥା ଏବଂ ଦୃଷ୍ଟିହୀନଙ୍କ ପାଇଁ ଜେବ୍ରା କ୍ରସିଙ୍ଗ ଲାଇନକୁ ଖୋଦନ କରାଇବେ । ଉପଯୁକ୍ତ ସ୍ଥଳରେ ବାଧିତ ବ୍ୟକ୍ତିଙ୍କ ପାଇଁ ସତର୍କ ସୂଚନା ପ୍ରଦାନ କରାଯିବ । କୋଠାବାଡି ଓ ଶୌଚାଳୟ ଗୁଡ଼ିକୁ ଏପରି ନିର୍ମାଣ କରାଯିବ ଯେଉଁଠାରେ ରାମ୍ପ ଓ ଅନ୍ୟାନ୍ୟ ବ୍ୟବସ୍ଥା ଥିବ ଯାହା ଚକଲଗା ଚୌକି ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କର ପ୍ରବେଶ ଜନୀତ ସୁବିଧା ପାଇପାରିବେ । କୌଣସି କର୍ମଚାରୀ ଚାକିରୀ ସମୟରେ ବାଧକତାର ଶୀକାର ହେଲେ, ନିୟୋଜକ ତାଙ୍କୁ ଚାକିରୀରୁ ବାହାର ଦେଇପାରିବେ ନାହିଁ । କୌଣସି ନିୟୋଜକ ବାଧକତା କାରଣରୁ ଜଣେ କର୍ମଚାରୀଙ୍କର ବ୍ୟକ୍ତିଙ୍କ ପଦୋନ୍ନତି ବନ୍ଦ କରିପାରିବେ ନାହିଁ କିନ୍ତୁ କାର୍ଯ୍ୟ ଦୃଷ୍ଟିରୁ ସୁଯୋଗ ପ୍ରତ୍ୟାଖ୍ୟାନ କରାଯାଇପାରିବ ।

**ଗବେଷଣା ଓ ମାନବସମ୍ବଳ ବିକାଶ**

ବାଧକତା ନିବାରଣ, ବାଧିତ ବ୍ୟକ୍ତିଙ୍କୁ ଥଇଥାନ କରିବା, ସହାୟକ ଉପକରଣ ବିକାଶ କରିବା, ବାଧିତ ବ୍ୟକ୍ତିଙ୍କ ପାଇଁ କାମ ଚିହ୍ନଟ କରିବା ଏବଂ କାରଖାନା କାର୍ଯ୍ୟାଳୟମାନଙ୍କରେ ପ୍ରାକ-ବାଧିତ ଢାଞ୍ଚାଗତ ବୈଶିଷ୍ଟ୍ୟ ବିକଶିତ କରିବା ନିମିତ୍ତ ସରକାର ଓ ସ୍ଥାନୀୟ କର୍ତ୍ତୃପକ୍ଷ ଗବେଷଣା ପ୍ରୋତ୍ସାହିତ ଓ ପ୍ରାୟୋଜିତ କରିବା ଉଚିତ ।

**ଗଭୀର ଭାବେ ବାଧିତ ବ୍ୟକ୍ତିଙ୍କ ପାଇଁ ଅନୁଷ୍ଠାନ**

ଶତକଡ଼ା ୮୦% ରୁ ଅଧିକ ଓ ଏକରୁ ଏକାଧିକ ବାଧକତା ଥିବା ବ୍ୟକ୍ତିଙ୍କୁ ଗଭୀର ବାଧିତ ବ୍ୟକ୍ତି କୁହାଯାଏ । ସରକାର ସେମାନଙ୍କ ପାଇଁ ଅନୁଷ୍ଠାନ ନିର୍ମାଣ କରିବା ସହ ତାହାର ରକ୍ଷଣାବେକ୍ଷଣ କରିବେ । ସରକାରୀ ସଂସ୍ଥାସହ ସମାନ ମାନଦଣ୍ଡରେ ସେବା ଓ ସୁବିଧା ପ୍ରଦାନ କରୁଥିବା ବେସରକାରୀ ଅନୁଷ୍ଠାନ ଗୁଡ଼ିକୁ ଗଭୀର ବାଧିତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସ୍ୱୀକୃତି ଦିଆଯିବ ।

**ବାଧିତ ବ୍ୟକ୍ତିଙ୍କ ପାଇଁ ମୁଖ୍ୟ ଆୟୋଗ ଓ ଅୟୋଗ ସମୂହ**

କେନ୍ଦ୍ର ସରକାର ବାଧିତ ବ୍ୟକ୍ତିଙ୍କ ଅଧିକାର ଅଧିନିୟମର କାର୍ଯ୍ୟକାରିତା ପାଇଁ ମୁଖ୍ୟ ଆୟୋଗଙ୍କୁ ନିଯୁକ୍ତ କରିବେ । ମୁଖ୍ୟ ଆୟୋଗ (କମିଶନର), ଆୟୋଗମାନଙ୍କର କାର୍ଯ୍ୟକୁ ସମ୍ମନ୍ୱିତ କରିବେ, ବାଧିତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ରସରକାରଙ୍କ ଦ୍ୱାରା ପ୍ରଦତ୍ତ ପାଣ୍ଠିର ତଦାରଖ କରିବେ, ବାଧିତ ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ଅଧିକାର ଓ ସୁବିଧାମାନ ସୁରକ୍ଷିତ ଏହା ନିଶ୍ଚିତ କରିବେ ଏବଂ କେନ୍ଦ୍ରସରକାରଙ୍କୁ ଅଧିକାର ଅଧିନିୟମ କାର୍ଯ୍ୟକାରିତା ସଂପର୍କରେ ବାର୍ଷିକ ବିବରଣୀ ପ୍ରଦାନ କରିବେ ।

### ୮.୪.୩.ବାଧିତ ବ୍ୟକ୍ତିଙ୍କ ଅଧିକାର ବିଲ୍ ୨୦୧୧

NALSAL ଆଇନ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ପ୍ରସ୍ତାବିତ ବିଲଟି ବାଧିତ ବ୍ୟକ୍ତି ମାନଙ୍କର ସମାନତାକୁ ସ୍ୱୀକୃତି ଦିଏ । ବ୍ୟକ୍ତି ବାଧକତା ଅଧିନିୟମ ୧୯୯୫, ବାଧକତା ବିଶିଷ୍ଟ ଅସାମର୍ଥ୍ୟର ସଂପୂର୍ଣ୍ଣ ସଂଜ୍ଞା ପ୍ରଦାନ କରିଛି । ଫଳସ୍ୱରୂପ, ଏହି ଅଧିନିୟମରେ ବାଧକତା ଉଲ୍ଲେଖିତ ବ୍ୟକ୍ତି ଅଧିକାର ଓ ହକ୍ ପାଇବାରୁ ଅନେକ ସମୟରେ ବଞ୍ଚିତ ହୁଅନ୍ତି ।

ପ୍ରସ୍ତାବିତ ଆଇନର ମୁଖ୍ୟ ବୈଶିଷ୍ଟ୍ୟମାନ ନିମ୍ନରେ ପ୍ରଦତ୍ତ ହୋଇଛି

- ସମସ୍ତ ବାଧିତ ବ୍ୟକ୍ତିଙ୍କ ସମାନତା ଓ ପକ୍ଷପାତହୀନତା ନିମନ୍ତେ ପ୍ରତିଶ୍ରୁତ, ବାଧିତ ବ୍ୟକ୍ତି ଅଧିକାର ବିଲ ୨୦୧୧ ।
- ସମସ୍ତ ବାଧିତ ବ୍ୟକ୍ତିଙ୍କ ବୈଧ କ୍ଷମତାକୁ ଚିହ୍ନିବା ଏବଂ ଏହି ବୈଧ କ୍ଷମତାକୁ ଆବଶ୍ୟକତା ଅନୁସାରେ କାର୍ଯ୍ୟରେ ବାଧିତ ବ୍ୟକ୍ତି କରିବା ପାଇଁ ବ୍ୟବସ୍ଥା କରିବାରେ ସହାୟତା ପ୍ରଦାନ ।
- ବହୁବିଧ ଓ ଗୁରୁତର ଭାବରେ ପ୍ରଭେଦର ସମ୍ମୁଖୀନ ହେଉଥିବା ବାଧିତ ମହିଳାଙ୍କୁ ଚିହ୍ନଟ କରିବା ଏବଂ ଉଭୟ ଅଧିକାର ଓ ବାସ୍ତବ ପଦକ୍ଷେପ ନିମନ୍ତେ ଲିଙ୍ଗଗତ ବୁଝାମଣା ସୃଷ୍ଟି କରିବା ।
- ସ୍ୱତନ୍ତ୍ର ଦୁର୍ବଳତା ଥିବା ବାଧିତ ପିଲାଙ୍କୁ ଚିହ୍ନଟ କରିବା ସହ ସେମାନେ ଅନ୍ୟ ପିଲାଙ୍କ ପରି ସମାନ ରୂପେ ପରିଗଣିତ ହେବା ସୁନିଶ୍ଚିତ କରିବା ।
- ଜାତୀୟ ଓ ରାଜ୍ୟ ବାଧିତ ଅଧିକାର କର୍ତ୍ତୃପକ୍ଷ ପ୍ରତିଷ୍ଠା କରାଯିବ ଯାହା ବାଧକତା ନୀତି ଓ ଆଇନ ପ୍ରଣୟନ କରିବାରେ ସହାୟତା କରିବେ, ବାଧିତ ବ୍ୟକ୍ତିଙ୍କ ପାଇଁ ଥିବା ଗଠନମୂଳକ ପ୍ରଭେଦକୁ ଦୂର କରିବେ, ଅଧିନିୟମ ଦ୍ୱାରା ସ୍ଥିରୀକୃତ ନିୟମ ଗୁଡ଼ିକ ପାଳନ, ସୁରକ୍ଷା, ପ୍ରୋତ୍ସାହନ ଏବଂ ସମୟ ଅଧିକାର ଉପଭୋଗ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ଅଧିନିୟମର ତ୍ୟାଗ/ବିରୁଦ୍ଧାଚରଣ ଓ ଅନ୍ୟାୟ କାର୍ଯ୍ୟ ପାଇଁ ଦେୱାନୀ ଓ ଫୌଜଦାରୀ/ ଅପରାଧିକ ଦଣ୍ଡ ବିଧାନ କରିବା ।

## ୮.୫ ସାରାଂଶ

ଯେପରିକି ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି, ପ୍ରତ୍ୟେକ ଶିଶୁ ତା'ର ପରିବାରଠାରୁ ବହୁ ମାତ୍ରାରେ ସ୍ନେହ, ଯତ୍ନ, ଲାଳନପାଳନ, ଶିକ୍ଷା ଭଳି ଅନେକ କିଛି ଆବଶ୍ୟକ କରେ । ସାଧାରଣତଃ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କର, ସ୍ୱତନ୍ତ୍ର ଭାବରେ ଚିକିତ୍ସାଗତ ତଥା ବିକାଶଗତ ସମସ୍ୟା ହେତୁ ଅନ୍ୟ ସାଙ୍ଗସାଥୀଙ୍କ ଅପେକ୍ଷା ଅଧିକ ଆବଶ୍ୟକତା ରହିଥାଏ ।

ଟିପ୍ପଣୀ

ସ୍ୱତନ୍ତ୍ର ଆବଶ୍ୟକତାର ପରିସର ଅତି କ୍ଷୀଣରୁ ବହୁମାତ୍ରାର ହୋଇପାରେ । ଅଧିକାଂଶ ସ୍ୱତନ୍ତ୍ର ଆବଶ୍ୟକତା ଗୁଡ଼ିକୁ ଚିକିତ୍ସା ଓ ସେବା ଦ୍ୱାରା ଭଲ କରାଯାଇପାରିବ ।

ଜଣେ ଶିକ୍ଷକ ଶିଶୁର ଅନେକ ଆବଶ୍ୟକତା ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ବାଧକତା ଆଇନ ୧୯୯୫ ଏବଂ UNCRPD ର କର୍ତ୍ତବ୍ୟକୁ ପିତାମାତା ଓ ଅନ୍ୟାନ୍ୟ ବ୍ୟକ୍ତି (ଯେଉଁମାନେ ଶିଶୁ ସହ ସଂପୃକ୍ତ) ମାନଙ୍କୁ ବୁଝାଇବା ଶିକ୍ଷକମାନଙ୍କ ପାଇଁ ଏକ ପ୍ରମୁଖ ଦିଗ ଅଟେ ।

ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁଙ୍କ ସହ କାର୍ଯ୍ୟ କରିବା ଶିକ୍ଷକଙ୍କପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା । ତାଙ୍କୁ ପ୍ରତ୍ୟେକ ବାଧକତାର ଅର୍ଥ ବୁଝିବା ,ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କୁ ଚିହ୍ନଟ କରିବା ଓ ସେମାନେ କେଉଁ ବାଧକତା ବର୍ଗର ଅନ୍ତର୍ଭୁକ୍ତ ତାହା ଅନୁସାରେ ଶ୍ରେଣୀଭୁକ୍ତ କରିବା ଓ ପରେ ପେଶାଦାର ବ୍ୟକ୍ତିଙ୍କ ପାଖକୁ ଆକଳନ ପାଇଁ ପଠାଇବା । ଥରେ ଆକଳନ ହୋଇଗଲେ, ପେଶାଦାର ବ୍ୟକ୍ତି, ପିତାମାତାଙ୍କ ସହ ମିଳିତ ଭାବେ ପରବର୍ତ୍ତୀ କାର୍ଯ୍ୟକ୍ରମର ଯୋଜନା ଶିକ୍ଷକ କରିପାରିବେ ।

## ୮.୬- ନିଜ ଅଗ୍ରଗତିର ଆକଳନ ପାଇଁ ଆଦର୍ଶ ଉତ୍ତର

**ନିଜ ଅଗ୍ରଗତି ଆକଳନ -୧**

କ. ପ୍ରତୀକ୍ଷାରତ ଶିଶୁ

ଖ. ୨୦/୨୦୦

ଗ. ଭାଷା

ଘ. ଦୃଷ୍ଟିବାଧିତ

**ନିଜ ଅଗ୍ରଗତି ଆକଳନ -୨**

କ.UNCRPD- United Nations Convention on the Rights of persons with Disabilities (ଅସାମର୍ଥ୍ୟ ବ୍ୟକ୍ତି ଅଧିକାର ପାଇଁ ମିଳିତ ଜାତିସଂଘର ସମ୍ମେଳନ /ସଭା)

ଖ. PWD Act - Persons with Disability Act((ବାଧିତ ବ୍ୟକ୍ତି ଅଧିନିୟମ)

ଗ. କେନ୍ଦ୍ର – ପ୍ରତିରକ୍ଷା

ଘ. ମିଳିତଦାୟିତ୍ୱ – ସ୍ୱାସ୍ଥ୍ୟ

ଙ. ରାଜ୍ୟ – ବାଧକତା

## ୮.୭. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

**RaoIndumathi ; *A Text book onInclusive Education*(2003), CBR Network, Bangalore**

**RaoIndumathi ; *ABC of CBR* (2010),CBR Network, Bangalore**

http://rehabcouncil.nic.in

http://trace.wisc.edu

http://en.wikipedia.org

ଟିପ୍ପଣୀ

ପରିଶିଷ୍ଟ-୧

ପ୍ରାଥମିକ ଆକଳନ ନିମିତ୍ତ ଶିକ୍ଷକଙ୍କ ଦ୍ୱାରା ନିମ୍ନଲିଖିତ ପ୍ରଶ୍ନାବଳୀର ବ୍ୟବହାର କରାଯାଇପାରିବ ।

ଫର୍ଦ୍ଦ - ୪

୬-୧୪ ବର୍ଷ ପିଲାଙ୍କ ପାଇଁ

ଗ୍ରାମର ନାମ:- ଘର ନଂ:- ପିଲା ସଂଖ୍ୟା:-

(କ) ପିଲାର ନାମ :

(ଖ ) ବୟସ :

(ଗ) ପିତାଙ୍କ ନାମ:

(ଘ) ମାତାଙ୍କ ନାମ :

ନିମ୍ନ ପ୍ରଦତ୍ତ ପ୍ରଶ୍ନର ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ () ଦିଅ ।

୧. ଧାର୍ଯ୍ୟଦିନ ପୂର୍ବରୁ ପ୍ରସବ ହୋଇଥିଲା କି ? ହଁ ନା ଜାଣିନାହିଁ

୨. କଥନ / ବାକ୍‌ଶକ୍ତି ବିକାଶରେ ବିଳମ୍ବ ହୋଇଥିଲା କି ? ହଁ ନା ଜାଣିନାହିଁ

୩. ନିମ୍ନରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟରୁ କେଉଁକାର୍ଯ୍ୟ
ନିଜ ବୟସର ଅନ୍ୟ ଶିଶୁଙ୍କ ତୁଳନାରେ ନିମ୍ନୋକ୍ତ କ୍ଷେତ୍ରରେ ବିଳମ୍ବରେ ହୋଇଥିଲା ।

ବସିବା ହଁ ନା ଜାଣିନାହିଁ

ଠିଆ ହେବା ହଁ ନା ଜାଣିନାହିଁ

ଚାଲିବା ହଁ ନା ଜାଣିନାହିଁ

କହିବା ହଁ ନା ଜାଣିନାହିଁ

୪ ଶିଶୁଟି ଭଲ ଭାବରେ ଦୌଡ଼ିପାରେ କି ? ହଁ ନା ଜାଣିନାହିଁ

୫. ଶିଶୁ କହିବା ବଦଳରେ ସଂକେତର ବ୍ୟବହାର କରେ କି ? ହଁ ନା ଜାଣିନାହିଁ

୬. ପାଠ ପଢିବା ଏବଂ ଦୈନିକ କାର୍ଯ୍ୟ କରିବାରେ ଦୃଷ୍ଟିଜନିତ
ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୭. ପିଲା ସହ କଥା ହେବାବେଳେ, ତାକୁ ବୁଝିବାରେ ସମସ୍ୟା
ଆସେ କି ? ହଁ ନା ଜାଣିନାହିଁ

୮. ପିଲାଟିର ଶୁଣିବାରେ ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୯. ନିଜର ସମବୟସ୍କ ପିଲାଙ୍କ ତୁଳନାରେ ଶିଶୁର ଶିକ୍ଷଣ,
କଥା ବୁଝିବା , ମନେରଖିବା ଏବଂ ଅନନ୍ୟ କାର୍ଯ୍ୟରେ
ଅସୁବିଧା ଅଛି କି ? ହଁ ନା ଜାଣିନାହିଁ

୧୦. ପିଲାଟି ଅନ୍ୟମାନଙ୍କ ସହ ଭଲରେ ମିଶିପାରେ କି ? ହଁ ନା ଜାଣିନାହିଁ

୧୧. ପିଲାଟିର କୌଣସି ଶାରୀରିକ ଅକ୍ଷମତା ଅଛି କି ? ହଁ ନା
ଜାଣିନାହିଁ

୧୨. ଅନ୍ୟମାନଙ୍କୁ ଆପଣଙ୍କ ପିଲାର କଥା ବୁଝିବାରେ



ଟିପ୍ପଣୀ

ସମସ୍ୟା ପରିଲକ୍ଷିତ ହୁଏ କି ? ହଁ ନା
ଜାଣିନାହିଁ

୧୩. ପିଲାର ପରିବାର ବ୍ୟତୀତ ବାହାର ଲୋକଙ୍କୁ ଆପଣଙ୍କ
ପିଲାର କଥା ବୁଝିବାରେ ଅସୁବିଧା ପରିଲକ୍ଷିତ ହୁଏ କି ? ହଁ ନା ଜାଣିନାହିଁ

୧୪. ପିଲାଟି କଥା ହୁଏ କି ?
(ଫର୍ମ ପୂରଣ କରୁଥିବା ବ୍ୟକ୍ତିଙ୍କ ପାଇଁ) ହଁ ନା ଜାଣିନାହିଁ

୧୫. ସୂଚନା ପ୍ରଦାନ କରିବାକୁ ସେମାନେ ମନା କରନ୍ତି କି ? ହଁ ନା ଜାଣିନାହିଁ

୧୬. ତୁମକୁ ସୂଚନା ପ୍ରଦାନ କରିବାର କୌଣସି ଆବଶ୍ୟକତା
ନାହିଁ ବୋଲି ପରିବାର ଲୋକ ଭାବନ୍ତି କି ? ହଁ ନା ଜାଣିନାହିଁ

ମନେରଖ :-

ଯଦି ଓ କେବଳ ଗୋଟିଏ ମାତ୍ର ଘରେ ଠିକ୍ () ଚିହ୍ନ ପାଇଁ ସୂଚନା ଦିଆଯାଇଅଛି; ସଂପୂର୍ଣ୍ଣ ଆକଳନ ଫର୍ଦ୍ଦ ପୂରଣ କରିବା ଉଚିତ୍ ।

ଶିଶୁର ବାଧକତା ଚିହ୍ନଟିକରଣ ପାଇଁ ସଂପୂର୍ଣ୍ଣ ଫର୍ଦ୍ଦ

ଗ୍ରାମର ନାମ: ଘର ନଂ:- ପିଲା
ସଂଖ୍ୟା:-

(କ) ପିଲାର ନାମ:

(ଖ) ବୟସ:

(ଗ) ପିତାଙ୍କ ନାମ:

(ଘ) ମାତାଙ୍କ ନାମ:

ନିମ୍ନ ପ୍ରଦତ୍ତ ପ୍ରଶ୍ନର ଠିକ୍ ଉତ୍ତର ପାଖରେ ଠିକ୍ () ଚିହ୍ନ ଦିଅ ।

୧. ଅନ୍ୟ ପିଲାଙ୍କ ତୁଳନାରେ ଆପଣଙ୍କ ପିଲାର ଚାଲିବାରେ
କୌଣସି ଅସୁବିଧା ଅଛି କି ? ହଁ ନା ଜାଣିନାହିଁ

୨. ପିଲାଟି ବିନା ସାହାଯ୍ୟରେ ବସିପାରେ କି ? ହଁ ନା ଜାଣିନାହିଁ

୩. ପିଲାଟି ନିଜେ ନିଜର ଦୈନିକ କାର୍ଯ୍ୟ ଯେପରିକି
ଗାଧୋଇବା, ଖାଇବା ଇତ୍ୟାଦି କରିପାରେ କି ? ହଁ ନା ଜାଣିନାହିଁ

୪. ପିଲାଟି କଥା ଓ ସୂଚନା ବୁଝିପାରେ କି ? ହଁ ନା ଜାଣିନାହିଁ

୫. ଦେଖିବାରେ କୌଣସି ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୬. ପିଲାଟି ୧୦ ଫୁଟ ଦୂରତାରେ ଆଙ୍ଗୁଳି ଗଣିପାରେ କି ?
ଗଣିପାରେ ଗଣିପାରେନାହିଁ ଜାଣିନାହିଁ

୭. ପିଲାଟି ୫ ଫୁଟ ଦୂରତାରେ ଆଙ୍ଗୁଳି ଗଣିପାରେ କି ?
ଗଣିପାରେ ଗଣିପାରେନାହିଁ ଜାଣିନାହିଁ

୮. ପିଲାଟି ବହିର ସାରଣୀରୁ ଛବି ଚିହ୍ନିପାରେ କି ?
ଚିହ୍ନଟ କରିପାରେ ଚିହ୍ନଟ କରିପାରେନାହିଁ ଜାଣିନାହିଁ

୯. ଶୁଣିବାରେ କୌଣସି ସମସ୍ୟା ଅଛି କି ?

ଟିପ୍ପଣୀ

| | | | | |
|---|---|---|---|---|
| | | ହଁ | ନା | ଜାଣିନାହିଁ |
| ୧୦. | ୧୦ ଫୁଟ ଦୂରତାରୁ ତା'ର ନାମ ଧରି ଡ଼ାକିଲେ ପିଲାଟି ଉତ୍ତର ଦିଏ କି ? | ଉତ୍ତର ଦିଏ | ଉତ୍ତର ଦିଏନାହିଁ | ଜାଣିନାହିଁ |
| ୧୧. | ୫ ଫୁଟ ଦୂରତାରୁ ତା'ର ନାମ ଧରି ଡ଼ାକିଲେ ପିଲାଟି ଉତ୍ତର ଦିଏ କି ? | ଉତ୍ତର ଦିଏ | ଉତ୍ତର ଦିଏନାହିଁ | ଜାଣିନାହିଁ |
| ୧୨. | ପିଲାଟି ସ୍ପଷ୍ଟ ଭାବରେ କହିପାରେ କି ? | ହଁ | ନା | ଜାଣିନାହିଁ |
| ୧୩. | ଅନ୍ୟମାନଙ୍କୁ ପିଲାଟିର କଥା ବୁଝିବାରେ ଅସୁବିଧା ହୁଏ କି ? | ହଁ | ନା | ଜାଣିନାହିଁ |
| ୧୪. | ପିଲାଟିର ମୂର୍ଚ୍ଛା ରୋଗ ଅଛି କି ?ଯଦି ହଁ ପିଲାଟିକୁ ରୋଗ ଆକ୍ରମଣ କରିଛି କି ? | ହଁ | ନା | ଜାଣିନାହିଁ |
| | (କ) ପ୍ରତିଦିନ | ହଁ | ନା | ଜାଣିନାହିଁ |
| | (ଖ) ସପ୍ତାହରେ ଥରେ | ହଁ | ନା | ଜାଣିନାହିଁ |
| | (ଗ) ମାସରେ ଥରେ | ହଁ | ନା | ଜାଣିନାହିଁ |
| | (ଘ) ୬ ମାସରେ ଥରେ | ହଁ | ନା | ଜାଣିନାହିଁ |
| | (ଙ) ପିଲାଟି ଔଷଧ ସେବନ କରେ କି ? | ହଁ | ନା | ଜାଣିନାହିଁ |
| | (ଚ) ପିଲାଟିକୁ ଡ଼ାକ୍ତର ପରୀକ୍ଷା କରିଛନ୍ତି କି ? | ହଁ | ନା | ଜାଣିନାହିଁ |
| ୧୫. | ପିଲାଟି କୌଣସି କାମ କରୁଥିବା ବେଳେ, ପାଖରେ କୌଣସି ବସ୍ତୁ ନ ଥିବା ହେତୁ ଢଳି ପଡେ ବା ପଡିଯାଏ କି ? | ହଁ | ନା | ଜାଣିନାହିଁ |
| ୧୬. | ପିଲାଟି ନାକରୁ ବୋହିଲେ ସେ ଚୁପ ରହେ କି ? | ହଁ | ନା | ଜାଣିନାହିଁ |
| ୧୭. | ସମବୟସ୍କ ପିଲାଙ୍କ ତୁଳନାରେ ପିଲାଟି ଅଳ୍ପ ବୁଦ୍ଧି ସଂପନ୍ନ କି ? | ହଁ | ନା | ଜାଣିନାହିଁ |
| ୧୮. | ପିଲାଟି ତା'ର କାର୍ଯ୍ୟରେ ସବୁବେଳେ ନିର୍ବୋଧ ଜଣା ପଡେ କି ? | ହଁ | ନା | ଜାଣିନାହିଁ |
| ୧୯. | ସମବୟସ୍କ ପିଲାଙ୍କ ତୁଳନାରେ ପିଲାଟିର କାର୍ଯ୍ୟରେ ମନୋନିବେଶ କରିବରାରେ ଅସୁବିଧା ଅଛି କି ? | ହଁ | ନା | ଜାଣିନାହିଁ |
| ୨୦. | ନିଜର ସମବୟସ୍କ ପିଲାଙ୍କ ତୁଳନାରେ ପିଲାଟି ଦୁଷ୍ଟାମି କରେ କି ? | ହଁ | ନା | ଜାଣିନାହିଁ |
| ୨୧. | ନିଜ ସମବୟସ୍କ ପିଲାଙ୍କ ବ୍ୟତୀତ ସାନ ପିଲାଙ୍କ ସହ ମିଳାମିଶା କରିବାକୁ ପସନ୍ଦ କରେ କି ? | ହଁ | ନା | ଜାଣିନାହିଁ |
| ୨୨. | ପିଲା ଅଗ୍ନି ଓ ଜଳ ଇତ୍ୟାଦି ବିପଦ ବୋଲି ଜାଣେ କି ? | ହଁ | ନା | ଜାଣିନାହିଁ |
| ୨୩. | ପିଲାଟି ନିଜ ନାମ କହିପାରିବ କି ? | କହେ | କହେ ନାହିଁ | ଜାଣିନାହିଁ |
| ୨୪. | ପିଲାଟି ଆଖିରୁ ପାଣି ଗଡ଼ିବାରେ ପୀଡ଼ିତ ଅଛି କି ? | ହଁ | ନା | ଜାଣିନାହିଁ |
| ୨୫. | ପିଲାଟି ସବୁବେଳେ ଆଖିକୁ ଘଷୁଛି କି ? | ଘଷେ | ଘଷେ ନାହିଁ | ଜାଣିନାହିଁ |

ଟିପ୍ପଣୀ

୨୬. ପଢିବା , ଲେଖିବା ଓ ଦେଖିବାରେ ସାଂଘାତିକ ଚକ୍ଷୁ ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୨୭. ପିଲାଟି ନିଜେ ଅନ୍ୟ କାହାର ସାହାଯ୍ୟ ବିନା ଚାଲିପାରେ କି ?
ଚାଲିପାରେ ଚାଲିପାରେ ନାହିଁ ଜାଣିନାହିଁ

୨୮. ବିଦ୍ୟାଳୟରେ ଦୌଡ଼ିବା ଓ କାର୍ଯ୍ୟକରିବାରେ ଅସୁବିଧାର ସମ୍ମୁଖୀନ ହୁଏ କି ? ହଁ ନା ଜାଣିନାହିଁ

୨୯. ଅନ୍ୟ ପିଲାଙ୍କ ତୁଳନାରେ, ପାଠପଢା ଓ ଖେଳରେ ଅଗ୍ରଗତି ଖୁବ୍ କମ୍ କି ? ହଁ ନା ଜାଣିନାହିଁ

୩୦. ନିଜର ସମବୟସ୍କ ପିଲାଙ୍କ ଭଳି, ସେ ନିଜର ବହି ଓ ଅନ୍ୟାନ୍ୟ ବସ୍ତୁ ଗୁଡ଼ିକୁ ଯତ୍ନର ସହ ରଖିପାରେ କି ? ହଁ ନା ଜାଣିନାହିଁ

୩୧. ନିଜର ସମବୟସ୍କ ପିଲାଙ୍କ ତୁଳନାରେ, ମନ୍ଥର ଗତିରେ କାର୍ଯ୍ୟ ସଂପାଦନ କରେ କି ? ହଁ ନା ଜାଣିନାହିଁ

୩୨. ପିଲାଟି ଅବିରତ କାନ ଯନ୍ତ୍ରଣାରେ ପୀଡ଼ିତ କି ? ହଁ ନା ଜାଣିନାହିଁ

୩୩. କାନରୁ କିଛି ନିର୍ଗତ ହୁଏ କି ? ହଁ ନା ଜାଣିନାହିଁ

୩୪. ଗପ କହିବା ଓ ଗଣିତ କରିବାରେ କିଛି ଅସୁବିଧା ଅଛି କି ? ହଁ ନା ଜାଣିନାହିଁ

୩୫. ପିଲାଟି କିଛି କଥା ଶୁଣିବା ସମୟରେ ସଂପୂର୍ଣ୍ଣ ଭାବରେ ଗୋଟିଏ ପାଖକୁ ଢଳି ଶୁଣେ କି ? ହଁ ନା ଜାଣିନାହିଁ

୩୬. ପିଲା ବେଳେବେଳେ ନିଜକୁ ଆଘାତ କରେ କି ? ହଁ ନା ଜାଣିନାହିଁ

୩୭. ପିଲା ଅବିରତ ଭାବରେ ନିଜ ସହ କଥା ହେଲାବେଳେ ଧ୍ୱନି ସୃଷ୍ଟି କରେ କି ? ହଁ ନା ଜାଣିନାହିଁ

୩୮. ପିଲାଟି ଚଷମା ବ୍ୟବହାର କରେ କି ? ହଁ ନା ଜାଣିନାହିଁ

୩୯. ପିଲାଟି ଶ୍ରବଣ ଯନ୍ତ୍ର ବ୍ୟବହାର କରେ କି ? ହଁ ନା ଜାଣିନାହିଁ

୪୦. ଶୁଣିବାରେ କିଞ୍ଚିତ ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୪୧. ପିଲାଟିର ସଂପୂର୍ଣ୍ଣ ଭାବରେ ଶ୍ରବଣ ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୪୨. ଗୋଟିଏ ଗୋଡ଼ରେ ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୪୩. ଉଭୟ ଗୋଡ଼ରେ ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୪୪. ସେ ଠିକ୍ ଭାବରେ ଚାଲିପାରେ ନାହିଁ କି ? ହଁ ନା ଜାଣିନାହିଁ

୪୫. ଉଭୟ ହାତରେ ଅସୁବିଧା ଅଛି କି ? ହଁ ନା ଜାଣିନାହିଁ

୪୬. ଅନ୍ୟ ସମବୟସ୍କ ପିଲାଙ୍କ ତୁଳନାରେ ଲେଖିବାରେ କିଛି ସମସ୍ୟା ଅଛି କି ? ହଁ ନା ଜାଣିନାହିଁ

୪୭. ଅନ୍ୟ କୌଣସି ସମସ୍ୟା ଅଛି କି ? ହଁ ନା ଜାଣିନାହିଁ



ଟିପ୍ପଣୀ

## ୮.୮. ପାଠାନ୍ତ ପ୍ରଶ୍ନାବଳୀ

- PWD Act ୧୯୯୫ ରୁ ମୁଖ୍ୟ ପ୍ରସଙ୍ଗ ଗୁଡ଼ିକର ତାଲିକା କର ।
- ପ୍ରତ୍ୟେକ ପ୍ରକାର ବାଧକତା ଓ ତାହାର ସମ୍ଭାବ୍ୟ କାରଣ ଗୁଡ଼ିକୁ ତାଲିକା କର ।